# ଓଡ଼ିଶା ବିଧାନସଭା

## ତୃତୀୟ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୭ ମାର୍ଚ୍ଚ, ୨୦୨୫

----

**[ଜଳ ସମ୍ପଦ - ବାଣିଜ୍ୟ - ଯୋଜନା ଓ ସଂଯୋଜନ - ଇସ୍ପାତ ଓ ଖଣି - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ପରିବହନ - ସୂଚନା ଓ ଲୋକ ସମ୍ପର୍କ - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 187**

----

### ବିସ୍ଥାପିତଙ୍କ ସମସ୍ୟା ପାଇଁ ଗଠିତ କମିଟିର ବୈଠକ

**4480 ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟରେ ବିସ୍ଥାପିତ ଲୋକଙ୍କ ସମସ୍ୟା ବୁଝିବା ପାଇଁ କେବେ R.P.D.A.C କମିଟି ଗଠନ ହୋଇଛି, ବର୍ଷକୁ କେତେଥର R.D.C ଙ୍କ ଅଧ୍ୟକ୍ଷତାରେ ବୈଠକ ହେବାକଥା ଏହି କମିଟିର ଟେନ୍ୟୁଅର (ଅବଧି) କେତେବର୍ଷ, ଗତ 2022-23, 2023-24 ବର୍ଷରେ ଗୋପାଳପୁର ଇସ୍ପାତ କାରଖାନା ବିସ୍ଥାପିତଙ୍କ ସମସ୍ୟା ନେଇ ଗଠିତ କମିଟି କେତେଥର ବୈଠକ ଅନୁଷ୍ଠିତ ହୋଇଛି, ଉକ୍ତ କମିଟିର ପୁନଃଗଠନ କରିବେ କି ?

----

### ସ୍ୱାମୀତ୍ୱ ଯୋଜନାରେ ସାମିଲ

**4661 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ସ୍ୱାମୀତ୍ୱ ଯୋଜନାରେ ଓଡିଶାର କେଉଁ କେଉଁ ଜିଲ୍ଲା ସାମିଲ ହୋଇଛି, (ଖ)ସାମିଲ ହୋଇଥିବା ଜିଲ୍ଲା ମାନଂକରେ ବର୍ତ୍ତମାନ ସୁଦ୍ଧା କେତେ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି, ବାଲେଶ୍ୱର ଜିଲ୍ଲାରେ କେବେ ଏହି ଯୋଜନା ଲାଗୁ କରାଯିବ ?

----

## ସହରରେ ବିଭିନ୍ନ ଉଦ୍ଦେଶ୍ୟରେ ଜମି ସଂରକ୍ଷିତ ରଖିବା

4690 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Odisha Govt. Land Settlement Rule 1983 ଆଧାରରେ ପ୍ରତ୍ୟେକ ସହରରେ କେଉଁ କେଉଁ କିସମ ଜମି କେଉଁ ଉଦ୍ଦେଶ୍ୟରେ ସଂରକ୍ଷିତ ରଖିବାକୁ ନିୟମ ପ୍ରଣୟନ କରାଯାଇଥିବାବେଳେ ପ୍ରତ୍ୟେକ ସହରରେ ଏଥିପାଇଁ ଆବଶ୍ୟକ ଜମି ସଂରକ୍ଷିତ ହୋଇଛି କି; ଉତ୍ତର 'ନାଁ' ହେଲେ ଏହି ଜମି ସଂରକ୍ଷିତ ପାଇଁ ସରକାର ବ୍ୟବସ୍ଥା କରିବେ କି ?Odisha Govt. Land Settlement Rule 1983 ଆଧାରରେ ପ୍ରତ୍ୟେକ ସହରରେ କେଉଁ କେଉଁ କିସମ ଜମି କେଉଁ ଉଦ୍ଦେଶ୍ୟରେ ସଂରକ୍ଷିତ ରଖିବାକୁ ନିୟମ ପ୍ରଣୟନ କରାଯାଇଥିବାବେଳେ ପ୍ରତ୍ୟେକ ସହରରେ ଏଥିପାଇଁ ଆବଶ୍ୟକ ଜମି ସଂରକ୍ଷିତ ହୋଇଛି କି; ଉତ୍ତର 'ନାଁ' ହେଲେ ଏହି ଜମି ସଂରକ୍ଷିତ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ରାୟଗଡା ଜିଲ୍ଲାରେ ମରୁଡି ହୋଇଥିବା ଜମିର ପରିମାଣ

5017 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାରେ ମରୁଡି କେତେ ପରିମାଣର ଜମିରେ ହୋଇଅଛି ଏବଂ ଏଥିରେ କେତେଜଣ ଚାଷୀଙ୍କୁ ଜମିରେ କେତେ ଫସଲ ନଷ୍ଟ ହୋଇଅଛି ଏହାର ତାଲିକା ଜିଲ୍ଲାୱାରୀ, ଚାଷୀୱାରୀ ପ୍ରଦାନ କରିବେ କି, ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ଚାଷୀଙ୍କୁ କି କି ଯୋଜନାରେ କେତେ ପରିମାଣରେ ସହାୟତା ଦିଆଯାଇଛି ତାହାର ତାଲିକା ଚାଷୀୱାରୀ ପ୍ରଦାନ କରିବେ କି ?

----

## illegal sand mining from Nagavali River

5035 **Smt. Sofia Firdous (Barabati-Cuttack):**

Will the Minister for **Steel and Mines** be pleased to state that:- (a) Whether the government is aware of the large-scale illegal sand mining from the Nagavali River, where sand is being transported daily to Andhra Pradesh; (b) Has the department conducted any land surveys to assess the extent of illegal extraction and its environmental impact; and What measures are being implemented to prevent further illegal mining, and by when will the department take decisive action to regulate sand extraction legally?

----

## ଆନ୍ତଃନଦୀ ଜଳାଶୟର ସ୍ଥିତି

5036 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଣିଆଁ ବ୍ଲକର ମହାନଦୀ ଉପରେ ରାହତପଡା ଠାରୁ ଡିମିରିଆ ମଧ୍ୟରେ ନିର୍ମାଣ ହେବାକୁ ଥିବା ଆନ୍ତଃନଦୀ ଜଳାଶୟ (ISS) ର ବର୍ତ୍ତମାନର ସ୍ଥିତି କଣ ; ଟେଣ୍ଡର କେବେ ସୁଦ୍ଧା କରିବେ ଓ କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ କରି କେବେ ଶେଷ କରିବେ?

----

## ମୁଖ୍ୟମନ୍ତ୍ରୀ ବସ ସେବା

5037 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା)ः**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଦଶପଲ୍ଲା ବ୍ଲକର 'ଭୋଗବାଡି' ଓ 'ହୁଡା' ଗ୍ରାମପଞ୍ଚାୟତକୁ ପ୍ରଚଳିତ ମୁଖ୍ୟମନ୍ତ୍ରୀ ବସ ସେବା ମାଧ୍ୟମରେ ବସ୍ ସେବା ସମ୍ପ୍ରସାରଣ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ କି?

----

## ଖଣିରୁ ରୟାଲିଟି ଆଦାୟ

5038 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ः**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2023-24 ଆର୍ଥିକ ବର୍ଷ ଠାରୁ ଏଇ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାର ରୟାଲିଟି ସମେତ ମୋଟ କେତେ ଟଙ୍କା ଖଣି ରାଜସ୍ୱ ପାଇଥିଲେ ; ଖଣିଗୁଡିକର ଇ-ନିଲାମ ପରେ ନିଲାମଲବ୍ଧ ଅର୍ଥରୁ ବାର୍ଷିକ ଅଂଶ, ମୟୁରଭଞ୍ଜ ଜିଲ୍ଲା ଖଣିଜ ଫାଉଣ୍ଡେସନରେ ଜମା ଏବଂ ରୟାଲିଟି ବାବଦରେ କେତେ ଟଙ୍କା ଆସିଛି ବର୍ଷୱାରୀ ତଥ୍ୟ ଦେବେ କି?

----

## ନୂତନ ଜିଲ୍ଲାଗଠନ ପାଇଁ ପ୍ରସ୍ତାବ

5039 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ः**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାର କେଉଁ କେଉଁ ଅଞ୍ଚଳକୁ ନେଇ ନୂତନ ଜିଲ୍ଲା ଗଠନର ପ୍ରସ୍ତାବ ରହିଛି ; କେଉଁ କେଉଁ ନୂତନ ଜିଲ୍ଲା କେବେ ସୁଦ୍ଧା ସରକାର ମଂଜୁରୀ କିମ୍ବା ଘୋଷଣା କରିବେ ସେଥି ପାଇଁ କି କି ପ୍ରସ୍ତୁତି କେଉଁ ପର୍ଯ୍ୟାୟରେ ରହିଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ; (ଖ) 2025-26 ଆର୍ଥିକ ବର୍ଷରେ କେଉଁ କେଉଁ ନୂତନ ଜିଲ୍ଲା ଭାବେ ମଂଜୁରୀ ପ୍ରଦାନ କରାଯିବ?

----

## ଫସଲହାନୀ ବାବଦକୁ ସହାୟତା ପ୍ରଦାନ

5040 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ः**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2024 ଓ 2025 ମସିହାରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କେଉଁ ଜିଲ୍ଲାରେ କେତେ ଫସଲହାନୀ ହୋଇଛି ଓ ଚାଷୀମାନଙ୍କୁ ଏ ବାବଦରେ କେତେ ଫସଲବୀମା ଓ ଅନ୍ୟ ବାବଦରେ କେତେ ସହାୟତା ପ୍ରଦାନ କରାଯାଇଛି?

----

## ଚାଷ ଜମିର ଅଣକୃଷି ବିନିଯୋଗ ଉପରେ ଅଙ୍କୁଶ

5041 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେଉଁ ଜିଲ୍ଲାର କେଉଁ ତହସିଲ୍ ଅଞ୍ଚଳରେ କେତେ ଚାଷ ଜମି ଓ ଜଳସେଚିତ ଚାଷଜମି ଅଣକୃଷି ଉଦ୍ଦେଶ୍ୟରେ ବିନିଯୋଗ ହୋଇଛି, ଚାଷଜମି ବିଶେଷକରି ଜଳସେଚିତ ଚାଷଜମିର ଅଣକୃଷି ଉଦ୍ଦେଶ୍ୟରେ ବିନିଯୋଗ ହେତୁ ଚାଷ ବ୍ୟାହତ ହୋଇ କୃଷି ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ପରିପ୍ରେକ୍ଷୀରେ ଚାଷ ଜମିର ବ୍ୟାପକ ଅଣକୃଷି ବିନିଯୋଗ ଉପରେ ଅଙ୍କୁଶ ଲଗାଇବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଜମିଜମା ସମସ୍ୟାର ସମାଧାନ

5042 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ ଜମିଜମା ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବାଲେଶ୍ୱର ଜିଲ୍ଲାରେ ଯେଉଁ ଜମି ବନ୍ଦୋବସ୍ତ ଓ ଚକବନ୍ଦୀ କମିଶନର କାର୍ଯ୍ୟାଳୟ ଥିଲା ସେଠାରେ ପଞ୍ଜୀକରଣ ବନ୍ଦ କରି କଟକ ରେଭିନ୍ୟୁ ବୋର୍ଡରେ ଯେଉଁ ପଞ୍ଜିକରଣ କରିବା ନିଷ୍ପତ୍ତି ଦିଗରେ ସରକାରଙ୍କ ମସୁଧା କ'ଣ, ଲୋକଙ୍କ ଅସୁବିଧା ଓ ଅଧିକ ଖର୍ଚ୍ଚାନ୍ତ ହେବାକୁ ଥିବା ଉକ୍ତ ନୂତନ ନିୟମ କୁ ପରିବର୍ତ୍ତନ କରିବା ପାଇଁ ସରକାର ବିଚାର କରିବେ କି , ବିଚାର ଓ ପଞ୍ଜୀକରଣ ଗୋଟିଏ ସ୍ଥାନରେ ହେଲେ ଲୋକେ ଉପକୃତ ହେବେ ତେଣୁ ଏ ଦିଗରେ ସରକାର ବିଚାର କରିବେ କି , ଯଦି ନା ତେବେ କ'ଣ ପାଇଁ ?

----

## LI point ନିର୍ମାଣ

5043 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଉଠା ଜଳସେଚନ ପଏଣ୍ଟ ଗୁଡିକ ଧାର୍ଯ୍ୟ ସମୟରୁ ଅଧିକ ସମୟ ଚାଲିବା ଫଳରେ ବାଲେଶ୍ୱର ଠାରେ water level ଡ୍ରପ୍ ଡାଉନ୍ ହେବାର ଅନ୍ୟତମ କାରଣ କି, Water level Uplifting ପାଇଁ ସରକାର କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଚକସାର୍ଥା, ପରିଖି ଭଳି ଲୁଣା ଅଂଚଳରେ LI point ନିର୍ମାଣ କରି ଚାଷ କାର୍ଯ୍ୟ ପାଇଁ ୬୦୦ଫୁଟ ଖନନ କରିବା ଦିଗରେ ବିଭାଗକୁ ନିର୍ଦ୍ଦେଶ ଦେବେ କି, ଯଦି ନା କଣ ପାଇଁ ?

----

## ପୌରପାଳିକା ଅଧିନରେ ସରକାରୀ ଜମି ଜବରଦଖଲ ମୁକ୍ତ

5044 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକ ଓ ବାଲେଶ୍ୱର ପୌରପାଳିକା ଅଧିନରେ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ବିଭନ୍ନ ଉତ୍ସରୁ କେତେଗୋଟି ଅଭିଯୋଗ ଆସିଛି, ସେଗୁଡ଼ିକ ତଥ୍ୟ ପ୍ରଦାନ କରିବା ସହ ଉକ୍ତ ଅଭିଯୋଗ ଗୁଡିକ ଉପରେ ଅଦ୍ୟାବଧି କଣ action ନିଆଯାଇଛି ତାହାର ତଥ୍ୟ ପ୍ରଦାନ କରିବା ସହ ଉଚ୍ଛେଦ ପାଇଁ ଏତେ ବିଳମ୍ବ ହେବାର କାରଣ କ'ଣ, (ଖ) ଏହି ମର୍ମରେ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ପରମିଟ ଘାଟ ଓ ଆଗା ପୋଖରୀ ଏବଂ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଳୁମେଦା ଗୋଚର, ସାର୍ଥା ଗୋଚର ମେଢ଼ଗୋଲାପଦା ଭଳି ଅନେକ ସ୍ଥାନରେ ଜବରଦଖଲ ମୁକ୍ତ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ କଣ ବିଶେଷ ପଦକ୍ଷେପମାନ ଗ୍ରହଣ କରାଯାଉଛି କହିବେ କି ?

----

## ‘ପୋଲାଭରମ’ ପ୍ରକଳ୍ପର ସ୍ଥିତି

5045 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅଣ ତାରିକା ପ୍ରଶ୍ନ ୧୯୧୦ ତା.୦୫.୧୨.୨୦୨୪ରିଖ ଉତ୍ତର ପରିପ୍ରେକ୍ଷୀରେ ‘ପୋଲାଭରମ’ ପ୍ରକଳ୍ପ ପାଇଁ ୨୦୨୧ ମସିହାରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗଠିତ ଗୋପାଳକୃଷ୍ଣ କମିଟିକୁ ତଥ୍ୟ ପ୍ରଦାନ କରିଥିଲେ, ଏବଂ କେନ୍ଦ୍ରୀୟ ଜଳ ଆୟୋଗଙ୍କ ଅଧ୍ୟକ୍ଷତାରେ ତା୨୮.୦୮.୨୦୨୪ ରିଖରେ NIT, Rourkela ଠାରେ ପ୍ରସ୍ତୁତ ପଚ୍ଛୁଆ ଜଳ ଅନୁଧ୍ୟାନ ଉପରେ ଆଲୋଚନା ହୋଇଥିଲା ଏହାର ସମସ୍ତ ବିବରଣୀ ଉପସ୍ଥାପନା କରିବା ସହ ଏଥିରେ କ'ଣ ଚୁଡାନ୍ତ ନିଷ୍ପତ୍ତି ନିଆଯାଇଛି, ଏବଂ ଏଥିରେ କେଉଁ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ?

----

## Fine imposed on illegal mining operation

5046 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- a) Whether any action has been taken against the defaulters (who have not deposited fine for illegal mining) identified in the Justice Shah Commission report, despite the government having full details; b) What was the total fine imposed on illegal mining operations and how much has been collected so far; Despite the justice Shah Commission's findings, illegal mining still continues in Odisha. What concrete measures is the government taking to prevent further violations and ensure strict enforcement?

----

## ନଦୀ ଶଯ୍ୟାରୁ ବେଆଇନ୍ ବାଲି ଖନନ

5047 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେଉଁ କେଉଁ ନଦୀ ଶଯ୍ୟାରୁ ବେଆଇନ୍ ବାଲି ଖନନ ହେଉଛି ଏବଂ ଏହାଦ୍ୱାରା ନଦୀ ଶଯ୍ୟା ଉପରେ କି ପ୍ରକାର ପ୍ରଭାବ ପଡୁଛି, କେଉଁ ନଦୀ ଶଯ୍ୟାରୁ କେତେ ପରିମାଣର ବାଲି ଉଠାଣ ପାଇଁ ଜଳସମ୍ପଦ ବିଭାଗ ଅନୁମତି ପ୍ରଦାନ କରିଛନ୍ତି, ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ବଜ୍ରପାତକୁ ରୋକିବାପାଇଁ ତାଳଗଛ ଲଗାଇବା ପାଇଁ ଯୋଜନା

5048 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଜ୍ରପାତକୁ ରୋକିବାପାଇଁ ରାଜ୍ୟ ସରକାର ତାଳ ଗଛ ଲଗାଇବାପାଇଁ କେବେ ଯୋଜନା କରିଥିଲେ ଓ ଏଥିପାଇଁ କେତେ ଅର୍ଥ ବରାଦ କରିଥିଲେ, ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା କେଉଁ ଜିଲ୍ଲାରେ କେତେ ପରିମାଣରେ ତାଳ ଗଛ ଲଗାଯାଇଛି ତାହାର ଏକ ପରିସଂଖ୍ୟାନ ପ୍ରଦାନ କରିବା ସହିତ ଗତ ୫ବର୍ଷ ମଧ୍ୟରେ ବଜ୍ରପାତରେ କେଉଁ ଜିଲ୍ଲାରେ କେତେ ଲୋକ ମୃତ୍ୟୁବରଣ କରିଛନ୍ତି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ମହାବିଦ୍ୟାଳୟ ପାଇଁ ଜମି ପ୍ରଦାନ

5049 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୪୭ ବର୍ଷ ପୂର୍ତ୍ତି ଅବସରରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବଡ଼ବିଲ୍ ମହାବିଦ୍ୟାଳୟ ଯୋଡ଼ା ବ୍ଲକ, ଯୋଡ଼ା ପୌରପାଳିକା ସହ ଆଖପାଖ ସୁନ୍ଦରଗଡ଼ ଜିଲ୍ଲା ସହ ଝାଡ଼ଖଣ୍ଡ ପ୍ରଦେଶର ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନର ସୁଯୋଗ ପ୍ରଦାନ କରୁଥିବା ବେଳେ ମହାବିଦ୍ୟାଳୟ ପାଇଁ ୧୦ ଏକର ଜାଗା ପ୍ରଦାନ ପାଇଁ ରାଜସ୍ୱ ପ୍ରଶାସନକୁ ନିବେଦନ କରାଯାଇଥିବା ବେଳେ ଅଦ୍ୟାବଧି ମାତ୍ର ୨.୫ ଏକର ଜାଗା ପ୍ରଦାନ କରାଯାଇଛି, ମହାବିଦ୍ୟାଳୟ ସମ୍ପ୍ରସାରଣ, ଖେଳପଡ଼ିଆ ନିର୍ମାଣ ସହ ଭିତ୍ତିଭୂମି ଉନ୍ନତିକରଣ ପାଇଁ ଆବଶ୍ୟକ ଅବଶିଷ୍ଟ ୭.୫୦୦ ଏକର ଜଙ୍ଗଲ କିସମ ଜମି କଲେଜକୁ ପ୍ରଦାନ କରି ତାହା ବଦଳରେ ଅନ୍ୟ ସ୍ଥାନରେ ସମ ପରିମାଣ ଜମି ଜଙ୍ଗଲ ନିମନ୍ତେ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ନଦୀରେ ବର୍ଷସାରା ଜଳବହୁଳ ରଖିବା ପାଇଁ ପଦକ୍ଷେପ

5050 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ରାଜ୍ୟର ବିଭିନ୍ନ ନଦୀରେ ଜଳଶୂନ୍ୟତା ଦେଖାଦେଇ ନଦୀ ଶଯ୍ୟା ଶୁଖୁଲା ପଡ଼ିଥିବା ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ସହ ରାଜ୍ୟର କେଉଁ ନଦୀ, ଝରଣା, ପ୍ରାକୃତିକ ନାଳ ଓ ଚିରସ୍ରୋତା ଝରଣା ଉପରେ ଚଳିତ ବର୍ଷ ଚେକ୍ଡ୍ୟାମ୍ ନିର୍ମାଣ କରି ପାଣି ଅଟକାଇ ନଦୀ ଶଯ୍ୟାକୁ ଜଳ ବହୁଳ କରିବାକୁ ସରକାର ପ୍ରସ୍ତାବ କରିଛନ୍ତି, ପ୍ରକାଶ କରି ରାଜ୍ୟର ସମସ୍ତ ନଦୀରେ ବର୍ଷସାରା ଜଳବହୁଳ ରଖିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କେନ୍ଦୁଝର ଜିଲ୍ଲାରେ ପୁନଃ ବନ୍ଦୋବସ୍ତ କରି ପଟ୍ଟା ପ୍ରଦାନ

5051 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ କେବେ ବନ୍ଦୋବସ୍ତ ହୋଇଥିଲା ଓ ସେହି ବନ୍ଦୋବସ୍ତରେ ହାଲ୍ ପଟ୍ଟା ଓ ସାବକ ପଟ୍ଟା ମଧ୍ୟରେ ତ୍ରୁଟି ବିଚ୍ୟୁତି ହେତୁ ଜମି ଜମା ମାମଲା ଓ ଗଣ୍ଡଗୋଳ ହୋଇ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇ ଲୋକେ କୋର୍ଟ କଚେରୀର ଦ୍ୱାରସ୍ଥ ହେଉଥିବା ପରିପ୍ରେକ୍ଷୀରେ ଜିଲ୍ଲାରେ ପୁନଃ ବନ୍ଦୋବସ୍ତ କରି ଜମି ପଟ୍ଟା ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନୂତନ ଖଣିର ସନ୍ଧାନ

5052 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୟୁରଭଂଜ ଓ କେନ୍ଦୁଝର ଜିଲ୍ଲାରେ କେଉଁ ପ୍ରକାର ଖଣିର ଏବେ ସନ୍ଧାନ ମିଳିଛି, ଏହାର ବୈଷୟିକ ଦିଗ ଅନୁଧ୍ୟାନ ହୋଇଛି କି, ହୋଇଥିଲେ ତାହା କଣ, ସରକାରଙ୍କର ପରବର୍ତ୍ତୀ ପଦକ୍ଷେପ କଣ?

----

## ଭୂସଂସ୍କାର ଆଇନ ସଂଶୋଧନ

5053 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରଚଳିତ ହୋଇଥିବା ଭୂସଂସ୍କାର ଆଇନ(OLR Act) ର ପ୍ରାସଙ୍ଗିକତାକୁ ଲକ୍ଷ୍ୟ କରି ଜନସାଧାରଣଙ୍କ ବୃହତ ସ୍ୱାର୍ଥ ପାଇଁ ଆଇନର ସଂଶୋଧନ ଆବଶ୍ୟକତା ଥିବା ସରକାର ଉପଲବ୍ଧି କରୁଛନ୍ତି କି, ସଂଶୋଧନ ବ୍ୟବସ୍ଥାରେ କେଉଁମାନେ ଉପକୃତ ହେବେ?

----

## ନୂତନ ରେଳ ଚଳାଚଳ ପାଇଁ ପ୍ରସ୍ତାବ

5054 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର କେନ୍ଦ୍ରାପଡାବାସୀ ଗମନାଗମନ ସ୍ୱାର୍ଥ ଦୃଷ୍ଟିରୁ ପାରାଦ୍ୱୀପଠାରୁ ପୁରୀ ଭାୟା କେନ୍ଦ୍ରାପଡା ଓ ପାରାଦ୍ୱୀପ ଠାରୁ କଲିକତା ଭାୟା କେନ୍ଦ୍ରାପଡା ଦୁଇଟି ନୂତନ ରେଳ ଚଳାଚଳ ପାଇଁ କେନ୍ଦ୍ର ରେଳବାଇ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେବେକି?

----

## ଭୂମୀହୀନମାନଙ୍କୁ ଜମି ପ୍ରଦାନ

5055 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭୂମୀହୀନମାନଙ୍କ ସଂଖ୍ୟା ବର୍ତ୍ତମାନ ରାଜ୍ୟରେ କେତେ ଓ ସେମାନଙ୍କୁ କେବେସୁଦ୍ଧା ସରକାର ଜମି ଯୋଗାଇଦେବାର ଯୋଜନା ରଖିଛନ୍ତି, (ଖ) 2019-2020 ଠାରୁ ଫେବୃୟାରୀ 28 ପର୍ଯ୍ୟନ୍ତ ରାଜ୍ୟର କେଉଁ କେଉଁ ଜିଲ୍ଲାର କେତେ କେତେ ସଂଖ୍ୟକ ଭୂମୀହୀନମାନଙ୍କୁ ସରକାର ଜମି ଯୋଗାଇ ଦେଇଛନ୍ତି ତାର ଏକ ବିବରଣୀ ଦେବେକି?

----

### ଖଣିଜ ପଦାର୍ଥରୁ ରାଜସ୍ୱ ଆଦାୟ

5056 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରୁ ବିଭିନ୍ନ ଖଣିଜ ପଦାର୍ଥ ଉତ୍ପାଦନ ବିକ୍ରି ତଥା ରପ୍ତାନୀ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କି କି ପ୍ରକାର ରାଜସ୍ୱ ପାଉଛନ୍ତି ଏବଂ ଗତ ଆର୍ଥିକ ବର୍ଷରେ ଓ ଚଳିତ ବର୍ଷ ଏଯାଏଁ କେତେ ଲେଖାଏଁ ରାଜସ୍ୱ ମିଳିଲାଣି ଏବଂ ବକେୟା ବାବଦରେ କେତେ ରାଜସ୍ୱ ବାକି ଅଛି, କେନ୍ଦ୍ର ଆଦାୟ କରୁଥିବା ଅର୍ଥରୁ ରାଜ୍ୟକୁ କି ପ୍ରକାର କେତେ ଅର୍ଥ ମିଳୁଛି ଏବଂ ରାଜ୍ୟ ସରକାର ଏ ବାବଦରେ କେନ୍ଦ୍ର ନିକଟରେ କି ଦାବୀ କରିଛନ୍ତି?

----

### ଚାଷ ଜମିକୁ ନିୟମିତ ଜଳସେଚନ ବ୍ୟବସ୍ଥା

5057 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କିଛି ଜଳସେଚିତ ଜମିକୁ ଏବେ ଜଳସେଚନ ସୁବିଧା ବିଭିନ୍ନ କାରଣରୁ ପହଞ୍ଚିପାରୁ ନାହିଁ କି, ଉତ୍ତର 'ହଁ' ହୋଇଥିଲେ କାରଣ ସହ ଏ ବିଷୟରେ ସବିଶେଷ ତଥ୍ୟ ଦେବେକି, ରାଜ୍ୟରେ କେନାଲ ବ୍ୟବସ୍ଥାର ଦୈର୍ଘ୍ୟ କେତେ ଓ ତା'ର କେତେ ପ୍ରତିଶତ ତଳମୁଣ୍ଡ କେନାଲ ଓ ତା ଅଧିନରେ କେତେ ଜମି ଜଳସେଚନ ହେବା କଥା ଏବଂ ତଳମୁଣ୍ଡରେ କେନାଲ ଜଳ ଚାଷ ଜମିକୁ ନିୟମିତ ପହଞ୍ଚିବା ପାଇଁ କି ବ୍ୟବସ୍ଥା କରାଯାଉଛି?

----

### ପୋଲାଭରମ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପଞ୍ଚାୟତ

5058 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ପୋଲାଭରମ ପ୍ରକଳ୍ପ ପାଇଁ ଓଡ଼ିଶାରେ କେଉଁ କେଉଁ ଜିଲ୍ଲାର କେତୋଟି ପଞ୍ଚାୟତ ପ୍ରଭାବିତ ହେବାକୁ ଯାଉଛି; କେତେ ପରିମାଣର ଚାଷ ଜମି ଜଳମଗ୍ନ ହେବ କେତେ ପରିବାର ବାସଚ୍ୟୁତ ହେବ ?

----

### ମହାନଦୀ ଜଳ ବିବାଦର ସମାଧାନ

5059 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଗତ ୮ ମାସ ଭିତରେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ସୀମା ବିବାଦ ସମସ୍ୟାର ସମାଧାନ

5060 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ କେଉଁ ଅଞ୍ଚଳରେ ପଡ଼ୋଶୀ ରାଜ୍ୟ ସହ ସୀମା ବିବାଦ ଲାଗି ରହିଛି; ଏହି ସୀମା ବିବାଦ କେବେଠାରୁ ଜାରି ରହିଛି ସୀମା ବିବାଦର ସମାଧାନ ଦିଗରେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଗୁରୁପ୍ରିୟା ଜଳକୁ ନିୟନ୍ତ୍ରଣ କରି ଚାଷ କ୍ଷୟକ୍ଷତି ରୋକିବା

5061 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଜିଲ୍ଲାର ବନ୍ୟା ପ୍ରବଣରେ ପ୍ରମୁଖ ନଦୀ Saptadhara, Sabari, Godavari, ସିତଲରୁ ଗୁରୁପ୍ରିୟାର ଜଳକୁ ନିୟନ୍ତ୍ରଣ ଏବଂ ଚାଷର କ୍ଷୟକ୍ଷତିକୁ ରୋକିବା ପାଇଁ କି ପ୍ରକାର ଯୋଜନା ପ୍ରସ୍ତୁତ କରିଛନ୍ତି ?

----

## ଭୂମିହୀନଙ୍କୁ ଭୂମି ପ୍ରଦାନ

5062 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ୩ବର୍ଷ ମଧ୍ୟରେ Odisha Land Rights to Slum Dwellers Act ଅଧୀନରେ ରାଜ୍ୟରେ କେତେ ଭୂମିହୀନ ବସ୍ତି ବାସିନ୍ଦା (ଉଭୟ ସହର ଓ ଗ୍ରାମାଞ୍ଚଳ) ଙ୍କୁ ଭୂମି ପ୍ରଦାନ କରାଯାଇଛି ତାହାର ଏକ ତାଲିକା ଦେବେ କି ; ଏଥିରେ ବିଭିନ୍ନ ପ୍ରକାରର ଅନିୟମିତତା ଦେଖା ଯାଉଥିବା ସରକାର ଜାଣନ୍ତି କି ; ଏହାର କାର୍ଯ୍ୟକାରୀ କରିବାର ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ଓ ମନ୍ଥର ହୋଇଥିବା ସରକାର ଜାଣନ୍ତି କି ; ଏହି ସବୁର ସରଳ ସମାଧାନ ପାଇଁ ସରକାର କିଛି ନୂତନ ନୀତି ଗ୍ରହଣ କରିବେ କି ?

----

## ରାଜ୍ୟରେ ରାଜସ୍ୱ ରଥ କାର୍ଯ୍ୟକ୍ରମ ସ୍ଥିତି

5063 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ COVID-୧୯ ମହାମାରୀ କାରଣରୁ ସଂକ୍ରମଣ ବୃଦ୍ଧି ଯୋଗୁଁ ବିଭିନ୍ନ ପ୍ରକାର ରାଜସ୍ୱ ସେବା ପ୍ରଦାନକୁ ବ୍ୟାହତ ନକରି ଜନସାଧାରଣଙ୍କୁ ନିରବଚ୍ଛିନ୍ନ ସେବା ପ୍ରଦାନ ପାଇଁ ରାଜସ୍ୱ ରଥ କାର୍ଯ୍ୟକ୍ରମ ରାଜ୍ୟ ସରକାର ପ୍ରଣୟନ କରିଥିଲେ, ରାଜସ୍ୱ ରଥ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ କ'ଣ କ'ଣ ଆବଶ୍ୟକୀୟ ସେବା ପ୍ରଦାନ କରୁଛନ୍ତି କହିବେ କି ; ଏହାର ସୁଫଳ ଜନସାଧାରଣ କିପରି ପାଇଛନ୍ତି ଏବଂ ବର୍ତ୍ତମାନ ରାଜ୍ୟରେ ରାଜସ୍ୱ ରଥ କାର୍ଯ୍ୟକ୍ରମର ସ୍ଥିତି କ'ଣ ଅଛି କହିବେ କି ?

----

## ଖଣି ନିଗମ ତରଫରୁ ଲୋକ କଲ୍ୟାଣ କାର୍ଯ୍ୟ

5064 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ଖଣିନିଗମ ତରଫରୁ ବିଗତ ତିନିବର୍ଷରେ ଦେବଗଡ ଜିଲ୍ଲାରେ କେତେ ଅର୍ଥ ବିନିମୟରେ କେଉଁ ଲୋକ କଲ୍ୟାଣକାରୀ କାର୍ଯ୍ୟ କରାଯାଉଛି ଅବଗତ କରିବେ କି?

----

## କେନ୍ଦୁଝର ଜିଲ୍ଲାରେ ଥିବା MI Project

5065 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ଅଦ୍ୟାବଧି କେତୋଟି MI Project ଅଛି, ପ୍ରତ୍ୟେକଟିର Ayacut କେତେ ଏହାର ଏକ ତାଲିକା ପ୍ରଦାନ କରିବେ କି; ଏ ଗୁଡିକରେ Ayacut ବଢେଇବା ପାଇଁ ସରକାରଙ୍କର କିଛି ପ୍ରସ୍ତାବ ଅଛି କି; ପାହାଡ, ପର୍ବତ, ନଦୀ, ନାଳ ପରିପୂର୍ଣ୍ଣ କେନ୍ଦୁଝର ଜିଲ୍ଲାରେ ଏଭଳି ନୂଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବ୍ୟାପକ ସମ୍ଭାବନା ଥିବା ସରକାର ଜାଣନ୍ତି କି; ଏ ଜିଲ୍ଲାରେ ନୂଆ MI Project କରିବା ପାଇଁ ସରକାର କୌଣସି Survey କରିଛନ୍ତି କି ଏବଂ ଏହି Survey ଆଧାରରେ କୌଣସି ନୂଆ MI Project କରିବାର ବ୍ୟବସ୍ଥା ଅଛି କି; ଉତ୍ତର ହଁ ହେଲେ ଏହାର ଏକ ତାଲିକା ପ୍ରଦାନ କରିବେ କି; ଏହାଦ୍ୱାରା କେତେ Ayacut ବୃଦ୍ଧିର ଯୋଜନା ଅଛି ?

----

## ଜଳ ପରିଚାଳନାରେ ସୁବ୍ୟବସ୍ଥିତ କରିବା

5066 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ବର୍ଷାଦିନେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ଜଳ ନିଷ୍କାସନ ନ ହୋଇ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଥିବା ଏବଂ ସାମୁଦ୍ରିକ ଲୁଣି ପାଣି ଜୁଆର ଚାଷ ଜମିରେ ମାଡ଼ି ଚାଷ ଜମି ନଷ୍ଟ ହେଉଥିବା ଏବଂ ଖରାଦିନେ ଜଳ ସଂକଟ ସୃଷ୍ଟି ହେଉଥିବା ପ୍ରତି ସରକାର ସଚେତନ ଅଛନ୍ତି କି; ଉତ୍ତର ହଁ ହେଲେ ଜିଲ୍ଲାରେ ଜଳ ଓ ଭୂମି ପରିଚାଳନା ସୁବ୍ୟବସ୍ଥିତ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭୂତଳ ଜଳ ପୁନଃ ଭରଣ ପାଇଁ ପଦକ୍ଷେପ

5067 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଭୂତଳ ଜଳକୁ ଶିଳ୍ପସଂସ୍ଥା, ଖଣିସଂସ୍ଥା ଓ ବ୍ୟବସାୟିକ ବାସଗୃହ ପ୍ରକଳ୍ପ ବ୍ୟବହାର କରିବା ଉପରେ ସରକାର କୌଣସି ସ୍ୱତନ୍ତ୍ର ନୀତି ପ୍ରଣୟନ କରିଛନ୍ତି କି, ଉତ୍ତର ହଁ ହେଲେ ତାହାର ବିବରଣୀ ପ୍ରଦାନ କରିବେ କି; ଏବଂ (ଖ) ରାଜ୍ୟରେ ଅବିଚାରିତ ଭାବେ ଭୂତଳ ଜଳ ବ୍ୟବହାର ଯୋଗୁଁ ଭବିଷ୍ୟତରେ ସହରାଞ୍ଚଳ, ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳରେ ବ୍ୟାପକ ଜଳସଂକଟ ସୃଷ୍ଟି ହେବା ସମ୍ଭାବନା ପରିପ୍ରେକ୍ଷୀରେ ଭୂତଳ ଜଳ ବ୍ୟବହାର ଉପରେ ଅଙ୍କୁଶ ସହ ଭୂତଳ ଜଳର ପୁନଃଭରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ନଦୀ ବନ୍ଧ ରାସ୍ତା ଉନ୍ନତିକରଣ

5068 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଆନନ୍ଦପୁର ବ୍ଲକର ପଞ୍ଚୁପଲ୍ଲୀ ଠାରୁ ଖପରାଖାଇ ନଦୀ ବନ୍ଧ ରାସ୍ତାଟି ୫ ଟି ପଞ୍ଚାୟତର ୩୦ ରୁ ଉର୍ଦ୍ଧ ଗ୍ରାମର ତଥା ୨୫ ହଜାରରୁ ଉର୍ଦ୍ଧ ଜନସାଧାରଣ ନିର୍ଭର କରୁଥିବା ସରକାର ଜାଣିଛନ୍ତି କି; ସ୍କୁଲ କଲେଜ ଠାରୁ ଆରମ୍ଭକରି ମେଡିକାଲ ଯିବା ପାଇଁ ଏହି ରାସ୍ତାଟି ଉପରେ ଲୋକ ମାନେ ନିର୍ଭର କରନ୍ତି; ଏହି ନଦୀ ବନ୍ଧ ରାସ୍ତାର zero ଠାରୁ ୭.୫ କି.ମି ପର୍ଯ୍ୟନ୍ତ ରାସ୍ତାଟି service roadର ମାନ୍ୟତା ଦେବା ସହ ଉନ୍ନତି କରଣ ଓ ପ୍ରଶସ୍ତିକରଣ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଚାତ୍ରା ନାଳ ଉପରେ sluice gate ନିର୍ମାଣ

5069 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଆନନ୍ଦପୁର ବ୍ଲକ ଅଧିନସ୍ଥ ବୈତରଣୀ ନଦୀରୁ ବାହାରିଥିବା ପଞ୍ଚୁପଲ୍ଲୀ ଚାତ୍ରା ନାଳ ଉପରେ sluice gate ନିମନ୍ତେ ସରକାର ପଦକ୍ଷପ ନେବେ କି; sluice gate ନଥିବା କାରଣରୁ ବନ୍ୟା ଆସିଲେ ପଞ୍ଚୁପଲ୍ଲୀ, ହରିଡ଼ାପାଳ, ଜଳସୁଆଁ, ବାଇଲୋ, ବେଲବାହାଲି ପଞ୍ଚାୟତର ପ୍ରାୟ ୧୦,୦୦୦ ରୁ ଉର୍ଦ୍ଧ ହେକ୍ଟର ଚାଷ ଜମି କ୍ଷୟକ୍ଷତି ହେଉଅଛି ଏହା ସରକାରଙ୍କ ଦୃଷ୍ଟିକୁ ଆସିଛି କି; ତେଣୁ ଏଦିଗରେ ପଦକ୍ଷେପ ନେବେ କି ?

----

## ଯାଜପୁର DMF ପାଣ୍ଠିରୁ ଅର୍ଥ ବ୍ୟୟ

5070 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମେଡିକାଲ କୋଚିଂ ପ୍ରଦାନରେ ଯାଜପୁର DMF ପାଣ୍ଠିରୁ ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ବ୍ୟୟ କରାଯାଇଛି, କେଉଁ ସବୁ ଅନୁଷ୍ଠାନ, ମେଡିକାଲ କୋଚିଂ ପ୍ରଦାନ କରୁଥିଲେ ଏବଂ ସେହି ଅନୁଷ୍ଠାନ ଗୁଡିକୁ କେଉଁ ଆଧାରରେ ଚୟନ କରାଯାଇଥିଲା, ସେହି ଚୟନ ପ୍ରକ୍ରିୟା DMF Trust Boardର କେଉଁ ବୈଠକରେ ସ୍ଥିର ହୋଇଥିଲା ଏବଂ ସେହି ବୈଠକରେ କିଏ କିଏ ଉପସ୍ଥିତ ଥିଲେ, ତାର ତଥ୍ୟ ପ୍ରଦାନ କରିବେ କି ?

----

## ଘର ଡିହ ହୀନ ପରିବାରଙ୍କୁ ପଟ୍ଟା ବଣ୍ଟନ

5071 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ କେଉଁ ତହସିଲ ଅଧିନରେ କେତେଜଣ ଘର ଡିହ ହୀନ ପରିବାର ଚିହ୍ନଟ ହୋଇଛି, ଏବଂ କେତେ ଜଣଙ୍କୁ ପଟ୍ଟା ଯୋଗାଇ ଦିଆଯାଇଅଛି, ତନ୍ମଧ୍ୟରୁ ପଟ୍ଟା ପାଇ ନଥିବା ଲୋକ ମାନଙ୍କୁ କେତେ ଦିନ ମଧ୍ୟରେ ପଟ୍ଟା ଯୋଗାଇ ଦେବେ ?

----

## Declared Balangir as drought affected

5072 **Shri Kalikesh Narayan Singh Deo (Bolangir):**

Will the Minister for **Revenue and Disaster Management** be pleased to state that:- (a) Why has the state government not declared Balangir as drought-affected this year despite crop failure and acute water scarcity in blocks like Titilagarh and Patnagarh; (b) What compensation will be provided to farmers who lost kharif crops due to deficient rainfall ?

----

## କେନାଲଗୁଡିକର ଆଧୁନିକୀକରଣ ଓ ଡ୍ୟାମ୍ ନିର୍ମାଣ

5073 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନଠାରୁ ପ୍ରବଳ ଖରା ଅନୁଭୂତ ହେବା ପରିପ୍ରେକ୍ଷୀରେ ବସ୍ତା ନିର୍ବାଚନ ମଣ୍ଡଳୀ ବସ୍ତା ଓ ବାଲିଆପାଳ ବ୍ଲକର ମରୁଡି ପ୍ରବଣ ଅଂଚଳରେ ଜଳାଭାବ ସମସ୍ୟାକୁ ସମାଧାନ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ? (ଖ) ପାରମ୍ପାରିକ ଜଳାଶୟ ଗୁଡିକର ପୁନଃରୁଦ୍ଧାର ଓ ରାଜ୍ୟ ଭୂତଳ ଜଳ ସଂରକ୍ଷଣ ପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଗୁଡିକ କଣ ରହିଛି ?

----

## ଖରିଫ ଓ ରବି ଫସଲ ପାଇଁ ଜଳସେଚନ ସୁବିଧା

5074 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲାର କେଉଁ ବ୍ଲକରେ କେତେ ଶତାଂଶ ଜମିକୁ ଖରିଫ ଓ ରବି ଫସଲ ପାଇଁ ଜଳସେଚନର ସୁବିଧା କରାଯାଇଛି ଓ ଜିଲ୍ଲାକୁ ପୂର୍ଣ୍ଣାଙ୍ଗ ଜଳସେଚିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ନୂତନ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ

5075 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ର କେଉଁ କେଉଁ ନଦୀନାଳ ତଥା ଅନ୍ୟ କେଉଁ ସ୍ଥାନରେ କେତେ କ୍ଷମତା ବିଶିଷ୍ଟ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ହୋଇଅଛି ଏବଂ ବର୍ତ୍ତମାନ ସେମଧ୍ୟରୁ କେତେ ଗୋଟି ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି ଓ କେଉଁ ପ୍ରକଳ୍ପରୁ କେତେ ହେକ୍ଟର ଜମି କୁ ଜଳ ସେଚନ କରାଯାଉଅଛି ? (ଖ) ସେମଧ୍ୟରୁ କେଉଁ କେଉଁ ସ୍ଥାନର ଉଠା ଜଳସେଚନ ପ୍ରକଳ୍ପ ଅଚଳ ଅବସ୍ଥାରେ ଅଛି ଏବଂ ସେଗୁଡିକର ମରାମତି ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ? ୨୦୨୫-୨୬ ଆର୍ଥିକ ବର୍ଷରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଂଚଳରେ ଅହୁରି କେତେଗୋଟି ନୂତନ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଅଛି,ତାହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ସରକାରୀ ଜମି ବେସରକାରୀ ସଂସ୍ଥା ଦ୍ୱାରା ଜବର ଦଖଲ

5076 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କଣ୍ଟାବାଞ୍ଜି, ମୁରିବାହାଲ ଓ ବଙ୍ଗୋମୁଣ୍ଡା ତହସିଲ ଅଧିନସ୍ଥ କେଉଁ କେଉଁ ଗ୍ରାମର କେତେ ପରିମାଣର ସରକାରୀ ଜମି କୁ ଅନାଧିକୃତ ଭାବେ କେଉଁ କେଉଁ ବେସରକାରୀ ସଂସ୍ଥା/ ଶିକ୍ଷାନୁଷ୍ଠାନ ଙ୍କ ଜବର ଦଖଲ ରେ ଅଛି କି ? ଯଦି ହଁ ତେବେ ଜବର ଦଖଲ ବାବଦକୁ ସେମାନଙ୍କ ଠାରୁ କେତେ ଟଙ୍କା ରାଜସ୍ୱ ଜୋରିମାନା ଆଦାୟ କରାଯାଇଅଛି ? (ଖ) ବେସରକାରୀ ସଂସ୍ଥା ଦ୍ୱାରା ଜବର ଦଖଲରେ ଥିବା ସରକାରୀ ଜମି ଗୁଡିକୁ କେଉଁ କାର୍ଯ୍ୟରେ ବ୍ୟବହାର କରାଯାଉଅଛି, ତାହାର ଗ୍ରାମ ଓ ସଂସ୍ଥାର ନାମ ସହ ସଂପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ନଦୀବନ୍ଧ ସୁରକ୍ଷା ପାଇଁ Boundary କାର୍ଯ୍ୟ

5077 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚାନ୍ଦବାଲି ସହରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ କାର୍ଯ୍ୟକାରୀ ହେଉଥିବା ନଦୀ ବନ୍ଧ ସୁରକ୍ଷା Boundary କାର୍ଯ୍ୟକ୍ରମ କେବେ ସରିବ ; ଏହି Boundary ତିଆରି କରିବା ପାଇଁ କୌଣସି ପ୍ରତିବନ୍ଧକ ଅଛି କି ; ଯଦି ଅଛି ତାହାର ସମାଧାନର ବାଟ ବାହାର କରିବେ କି ?

----

## ଘରପୋଡ଼ି ଦ୍ୱାରା କ୍ଷତିପୂରଣ ସହାୟତା

5078 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ତହସିଲ ମାନଙ୍କରେ ଘରପୋଡ଼ି ପାଇଁ ସରକାରଙ୍କର ୨ ଟି ସୋପାନ ଆଂଶିକ କ୍ଷତି ଓ ପୂର୍ଣ୍ଣକ୍ଷତି ଅନୁସାରେ କ୍ଷତିପୂରଣ ଲାଗି ବ୍ୟବସ୍ଥା ଅଛି କିନ୍ତୁ ଆଂଶିକଠାରୁ ଅଧିକ ଓ ପୂର୍ଣ୍ଣ ଠାରୁ କମ କୌଣସି କ୍ଷତିପୂରଣ ସୋପାନ ନ ରହିବା କାରଣରୁ ଅଗ୍ନି କ୍ଷତିଗ୍ରସ୍ଥମାନେ ସମସ୍ୟା ଭୋଗିବାର ଖବର ସରକାରଙ୍କ ପାଖରେ ଅଛି କି ; ଏଥିପାଇଁ ସରକାର କି ବ୍ୟବସ୍ଥା ଗ୍ରହଣ କରୁଛନ୍ତି ?

----

## ଜଗତସିଂହପୁର ଜିଲ୍ଲାରେ ଏକ Sub - Division ସ୍ଥାପନ

5079 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ଦ୍ଧିତ ଲୋକସଂଖ୍ୟା ଓ ପ୍ରଶାସନିକ ସୁବିଧା ପାଇଁ ଜଗତସିଂହପୁର ଜିଲ୍ଲାରେ ଆଉ ଏକ (Sub - Division) ରାଜସ୍ୱ ଉପଖଣ୍ଡ ସ୍ଥାପନା ହେବାର ଆବଶ୍ୟକତା ଅଛି କି ; ଯଦିଥାଏ ଏହାକୁ କେବେ ସ୍ଥାପନା କରାଯିବ ?

----

## ବାତ୍ୟା ଆଶ୍ରୟସ୍ଥଳୀର ମରାମତି

5080 **ଶ୍ରୀ ମାଧବ ଧଡା (ସୋରୋ)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସୋର ନିର୍ବାଚନ ମଣ୍ଡଳୀରେ ତିନିଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ବିଭାଗ ତରଫରୁ ଜିଲ୍ଲାପାଳ, ବାଲେଶ୍ୱରଙ୍କୁ ଅବଗତ ବିଷୟ ବିଭାଗ ନଜର ରେ ଅଛି କି ଯଦି ହଁ ତେବେ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ଏବଂ ସୋର ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଜାଗାରେ କେତେଗୋଟି ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ, (ଖ) ସୋର ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକର କେଉଁ ସ୍ଥାନରେ କେତେଗୋଟି ବାତ୍ୟା ଆଶ୍ରୟ ସ୍ଥଳୀ ଅଛି ତନ୍ମଧ୍ୟରୁ କେଉଁ ଆଶ୍ରୟ ସ୍ଥଳୀର ମରାମତିର ଆବଶ୍ୟକତା ଅଛି କି, ଯଦି ହଁ କେବେ ସୁଦ୍ଧା ମରାମତି କାର୍ଯ୍ୟ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ?

----

## MIP Project ର ଉନ୍ନତିକରଣ

5081 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମୋହନା ନିର୍ବାଚନ ମଣ୍ଡଳୀରେ କ୍ଷୁଦ୍ର ଜଳସେଚନ ସଂସ୍ଥା ଦ୍ୱାରା 2023-2024 ଆର୍ଥିକ ବର୍ଷରେ ମୋଟ 3ଟି MIP ର ଉନ୍ନତିକରଣ ଏବଂ 10 ଗୋଟି ନୂତନ ଆଡିବନ୍ଧ ନିର୍ମାଣ କାର୍ଯ୍ୟ March, 2024 ସୁଦ୍ଧା ସମ୍ପୂର୍ଣ୍ଣ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ଥିବା ସମୟରେ ଏଯାବତ୍ କେଉଁ କାରଣରୁ ସମ୍ପୂର୍ଣ୍ଣ ହୋଇପାରିନାହିଁ ?

----

## Major Irrigation Project ର ବିବରଣୀ

5082 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଗତ ତିନି ବର୍ଷ ମଧ୍ୟରେ କେତେଗୋଟି Major Irrigation Project କାର୍ଯ୍ୟକ୍ଷମ ହୋଇଛି ; (ଖ) ତେଲ ନଦୀ ଏବଂ ଅଙ୍ଗ ନଦୀରେ In-stream Storage ପାଇଁ କେଉଁ କେଉଁ ସ୍ଥାନରେ ପ୍ରସ୍ତାବ ଅଛି ଏବଂ କେବେ କାର୍ଯ୍ୟକାରୀ ହେବ ?

----

## କୋଡିଙ୍ଗା ମାଳି ବକ୍ସାଇଟ୍ ପାହାଡରୁ ବକ୍ସାଇଟ ଖନନ

5083 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Vedanta Company ଓ Pioneer Company କୁ କେତେ ପରିମାଣର ଖଣି ଉତ୍ତୋଳନ ପାଇଁ lease ମିଳିଛି କହିବେ କି, କଡିଙ୍ଗା ମାଳିରେ ଗଚ୍ଛିତ ଥିବା ବକ୍ସାଇଟ୍ କଞ୍ଚାମାଲ୍ କେଉଁ ଗ୍ରେଡର ଏହାର International market ରେ ଟନ୍ ପିଛା ଦାମ୍ କେତେ କହିବେ କି ?

----

## ୩ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ରହୁଥିବା ପରିବାରକୁ ପଟ୍ଟା ପ୍ରଦାନ

5084 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସହରରେ 30 ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରି ଆସୁଥିବା ବାସିନ୍ଦାମାନଙ୍କୁ ରହୁଥିବା ଜାଗାର ଜମିପଟ୍ଟା ପ୍ରଦାନ ନିମନ୍ତେ ସରକାର ନେଇଥିବା ନିଷ୍ପତ୍ତି ଆଧାରରେ ସେମାନଙ୍କୁ ଜମି ଓ ଜମି ପଟ୍ଟା ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଏହି ପ୍ରକ୍ରିୟା କେବେସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ?

----

## ପଡା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତି

5085 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ନୟାଗଡ ଜିଲ୍ଲାର ଆଠଗୋଟି ବ୍ଲକରେ 2024 ଶେଷ ସୁଦ୍ଧା କେତୋଟି ପଡା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରାଯାଇଛି, ଏହାର ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି, ନୟାଗଡ ଜିଲ୍ଲାର ଅନ୍ୟ କେଉଁ କେଉଁ ପଡା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପ୍ରସ୍ତାବ ସରକାରଙ୍କ ବିଚାରଧିନ ଅଛି ?

----

## ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସାମନ୍ତ ଚନ୍ଦ୍ରଶେଖର ସରକାରୀ ମୁଦ୍ରଣାଳୟ

5086 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନୟାଗଡ ଜିଲ୍ଲା ଅନ୍ତର୍ଗତ ଖଣ୍ଡପଡା ବିଜ୍ଞ୍ୟାପିତ ଅଞ୍ଚଳ ପରିଷଦ ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖର ସରକାରୀ ମୁଦ୍ରଣାଳୟ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏବଂ ପୂର୍ବରୁ ଏହି ମୁଦ୍ରଣାଳୟରେ ପ୍ରାୟ ପଚାଶ ଜଣ ବିଭିନ୍ନ ବର୍ଗର କର୍ମଚାରୀ କାର୍ଯ୍ୟ କରୁଥିଲେ ମଧ୍ୟ ସମ୍ପ୍ରତି ଏହି ମୁଦ୍ରଣାଳୟରେ ମାତ୍ର 3/4 ଜଣ କର୍ମଚାରୀ କାର୍ଯ୍ୟ କରୁଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର 'ହଁ' ହୁଏ ତେବେ ଏହି ମୁଦ୍ରଣାଳୟର ପୂର୍ବାବସ୍ଥା ଫେରାଇ ଆଣିବା ସହିତ ଏହାର ଉନ୍ନତିକରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ କି ?

----

## Sanction of funding under IDF

5087 **Smt. Sofia Firdous (Barabati-Cuttack):**

Will the **Chief Minister** be pleased to state that:- (a) What are the various schemes currently available for Barabati-Cuttack under the Planning and Convergence Department, including Critical Gap Fund, Infrastructure Development Fund(IDF) and others; (b) How much total funding has been sanctioned under each scheme, and how much remains pending for release?

----

## ପ୍ରକଳ୍ପ ସମ୍ପାଦନ ପାଇଁ ବ୍ୟବସ୍ଥା

5088 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ଘରୋଇ ଉଦ୍ୟମରେ ସ୍ଥାପିତ ସେବାମୂଳକ ଶିକ୍ଷାନୁଷ୍ଠାନ ଓ ଅନାଥାଶ୍ରମକୁ ବିଧାୟକ ଓ ସାଂସଦ ପାଣ୍ଠିରୁ ଉନ୍ନତିମୂଳକ ଯଥାର୍ଥ ପ୍ରକଳ୍ପ ସମ୍ପାଦନ ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## ଅନୁକମ୍ପାମୂଳକ ନିଯୁକ୍ତି ପ୍ରକ୍ରିୟା

5089 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସରକାରୀ ପ୍ରେସରେ କାର୍ଯ୍ୟରତ ଥାଇ ପରଲୋକ ଗମନ କରିଥିବା କେତେଜଣ କର୍ମଚାରୀଙ୍କୁ ଉତ୍ତରାଧିକାରୀ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି ସେମାନଙ୍କ ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କଲ୍ୟାଣ ପାଣ୍ଠି ବୃଦ୍ଧି

5090 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସାମ୍ବାଦିକମାନଙ୍କ କଲ୍ୟାଣ ପାଣ୍ଠି ବୃଦ୍ଧି ସହ ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ବସଯାତ୍ରୀମାନଙ୍କ କଲ୍ୟାଣ ପାଇଁ ପଦକ୍ଷେପ

5091 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଗ୍ରୀଷ୍ମପ୍ରବାହ ସମୟରେ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ସରକାରୀ ଓ ଘରୋଇ ବସଯାତ୍ରୀମାନଙ୍କ କଲ୍ୟାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ମହାନଦୀ ତଟରେ ପଥର ପ୍ୟାକିଙ୍ଗ

5092 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ସହରର ଗାନ୍ଧି ପଲ୍ଲୀଠାରେ ମହାନଦୀ ତଟରେ ପଥର ପ୍ୟାକିଙ୍ଗ କରି ନଦୀ ବନ୍ଧର ସୁରକ୍ଷା ସହ ବନ୍ୟା ନିୟନ୍ତ୍ରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପାଣ୍ଠି ବିନିଯୋଗ

5093 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଚଳିତ 2024-25 ଓ ଆଗାମୀ 2025-26 ବର୍ଷରେ CMSA ଓ Critical Gap ପାଣ୍ଠି ପାଇଁ କେତେ ଅର୍ଥ ବ୍ୟବସ୍ଥା କରାଯାଉଛି ; (ଖ) ଏହି ପାଣ୍ଠି କେଉଁ ଆଧାରରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବ୍ୟୟ ହେବ ତାର ମାର୍ଗଦର୍ଶିକା ନିର୍ଦ୍ଧାରଣ ହୋଇଛି କି ; ଯଦି ହଁ, ତେବେ ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି?

----

## କେନାଲର ନବୀକରଣ

5094 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ମ୍ୟୁନିସିପାଲଟି ମଧ୍ୟ ଦେଇ କେଉଁଠାରୁ କେଉଁ ପର୍ଯ୍ୟନ୍ତ ସମୁଦାୟ କେତେ କିଲୋମିଟର ଦୈର୍ଘ୍ୟର କେନ୍ଦ୍ରାପଡାର ଗୋବରୀ ସମ୍ପ୍ରସାରିତ କେନାଲ ପ୍ରବାହିତ ହେଉଅଛି ; ଏହି ସମୁଦାୟ ପ୍ରବାହିତ ହେଉଥିବା କେନାଲର ନବୀକରଣ ନିମନ୍ତେ କେତେ ଟଙ୍କା ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ ହୋଇଛି ଓ ଅବଶିଷ୍ଟ କେଉଁଠାରୁ କେଉଁ ପର୍ଯ୍ୟନ୍ତ କେନାଲର ନବୀକରଣ କାର୍ଯ୍ୟ କେବେ ଆରମ୍ଭ କରାଯିବ ଓ କେବେ ସୁଦ୍ଧା ଶେଷ କରାଯିବ?

----

## ବିନା ଲିଜରେ ବାଲି ଉଠାଣ

5095 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ କେଉଁ ଜିଲ୍ଲାର କେଉଁ କେଉଁ ବାଲିଖାଦାନ ଗୁଡିକରୁ ବିନା ଲିଜରେ ବେଆଇନ ଭାବରେ ବାଲି ଉଠାଣ ହେଉଛି ଓ ରାଜ୍ୟ ରାଜସ୍ୱ ହରାଉଛି ତାର ସବିଶେଷ ବିବରଣୀ ଦେବେ କି ; (ଖ) ବେଆଇନ ବାଲି ଖାଦାନରୁ ବାଲି ଉଠାଣ ଅପରାଧରେ ଗତ ଜୁନ୍ 2024 ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କାହା କାହା ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି?

----

## ଖଣି ଲିଜ୍

5096 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ କେଉଁ ଖଣିଗୁଡିକୁ ନିଲାମ ଜରିଆରେ ଲିଜ୍ ଦେବାକୁ ଚିହ୍ନଟ କରାଯାଇଛି ତାର ସବିଶେଷ ବିବରଣୀ ଦେବେ କି ; (ଖ) ଓଡିଶା ଖଣି ନିଗମକୁ ସଂପ୍ରସାରିତ କରି ଖଣି ନିଗମ ନିମନ୍ତେ କେତେଗୋଟି ଖଣି ଖନନ ଓ ପରିଚାଳନା ନିମନ୍ତେ ସଂରକ୍ଷଣ ରଖିବାକୁ ନିଷ୍ପତ୍ତି ନେଇଛନ୍ତି କି ; ଯଦି ହଁ, ତାର ସବିଶେଷ ବିବରଣୀ ଦେବେ କି?

----

## ଗୋବରୀ ନଦୀର ପୁନଃ ଖନନ

5097 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ)ଗୋବରୀ ନଦୀର ପୁନଃ ଖନନ କାର୍ଯ୍ୟର ବର୍ତ୍ତମାନ ସୁଦ୍ଧା କି ଅଗ୍ରଗତି ହୋଇଛି ଓ ଏଥି ନିମନ୍ତେ କେଉଁ ବର୍ଷ କେତେ ଅର୍ଥ ବ୍ୟୟ କରାଯାଇଛି ; (ଖ) ଏହି ନଦୀର ପୁନଃ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର କୌଣସି ଯୋଜନା ଅଛି କି ; ଯଦି ହଁ, କେବେ ସୁଦ୍ଧା ଶେଷ କରାଯିବ?

----

## ସାହେବ କେନାଲର ପୁନଃରୁଦ୍ଧାର

5098 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଐତିହାସିକ ସାହେବ କେନାଲ ଯାହା ଚିଲିକା ଏବଂ ବଙ୍ଗୋପସାଗର ମଧ୍ୟରେ ନୌବାଣିଜ୍ୟ ମାଧ୍ୟମ ସାଜିଥିଲା ବର୍ତ୍ତମାନ ଉକ୍ତ କେନାଲ ପୋତି ହୋଇରହିଛି ; ଉକ୍ତ କେନାଲ ଛତ୍ରପୁର ନିର୍ବାଚନ ମଣ୍ଡଳୀ ପ୍ରୟାଗୀ ଠାରୁ ପୁରୁଣାବନ୍ଧ ମଧ୍ୟରେ କେଉଁ ବିଭାଗ ଅଧିନରେ ରହିଛି ଏବଂ ଏହାର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ କୌଣସି ପ୍ରସ୍ତାବ ରହିଛି କି?

----

## ମେଗାଲିଫ୍ଟ ପ୍ରୋଜେକ୍ଟ ସ୍ଥାପନ

5099 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଜଳସେଚନ ପାଇଁ ମେଗାଲିଫ୍ଟ ପ୍ରୋଜେକ୍ଟ ସ୍ଥାପନର ବ୍ୟବସ୍ଥା ରହିଛି କି ; ଯଦି ରହିଛି, କେଉଁ ସ୍ଥାନରେ ସ୍ଥାପନ ହେବାର ଯୋଜନା ରହିଛି ଏବଂ କେତେ ହେକ୍ଟର ଚାଷଜମି ଜଳସେଚନ ହେବା ପାଇଁ ଆକଳନ କରାଯାଇଛି ଏବଂ ଏହା କେବେ କାର୍ଯ୍ୟକାରୀ ହେବାର ଯୋଜନା ହେଉଛି?

----

## ଜଳ ଯୋଗାଣ

5100 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ରହିଥିବା କେଉଁ କେଉଁ କମ୍ପାନୀ କେଉଁ ସ୍ଥାନର କମ୍ପାନୀ ନିମନ୍ତେ ଜଳଯୋଗାଣ କରିବା ବ୍ୟବସ୍ଥା କରିଛନ୍ତି ଏବଂ କେଉଁ କମ୍ପାନୀର ଜଳଯୋଗାଣ ପାଇପ୍ କେଉଁଠାରୁ କେଉଁ ପର୍ଯ୍ୟନ୍ତ ବିଛାଯାଇଛି ଜଣାଇବେ କି ; ଏଥିପାଇଁ କେଉଁ ନଦୀର କେତେ ପରିମାଣର ଜଳ ବ୍ୟବହାର ପାଇଁ ଏମାନଙ୍କୁ ଅନୁମତି ମିଳିଛି ; ଜଳ ସମ୍ପଦ ବିଭାଗର ମୂଳଯୋଜନାରେ ଏଭଳି କାର୍ଯ୍ୟକ୍ରମ ପାଇଁ ଜଳଯୋଗାଣ ବ୍ୟବସ୍ଥା ଥିଲା କି ; ଏହା ଦ୍ୱାରା ସମଗ୍ର ଛତ୍ରପୁର ଅଞ୍ଚଳରେ ଉତ୍କଟ ଜଳାଭାବ ହେବନାହିଁ ତ ; ଉକ୍ତ କମ୍ପାନୀଗୁଡ଼ିକୁ ସର୍ବମୋଟ ଦୈନିକ କେତେ ଏବଂ ବର୍ଷକୁ କେତେ ଜଳ ଆବଶ୍ୟକ ପଡ଼ିବ ; ଏଥିରେ ବ୍ୟବହୃତ ଜଳକୁ ମୂଳ ଉତ୍ସକୁ ଫେରେଇବାର ବ୍ୟବସ୍ଥା ପାଇଁ କଣ ପଦକ୍ଷେପ ନିଆଯାଇଛି?

----

## ନୂତନ ଚେକ୍ ଡ୍ୟାମ୍ ନିର୍ମାଣ

5101 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ସ୍ଥାନରେ ଚେକ୍ ଡ୍ୟାମ୍, କେତେ Lift Point ଓ କେତେ M.I. ପ୍ରକଳ୍ପ ନୂତନ ଭାବରେ କରିବା ପାଇଁ ଯୋଜନା କରିଛନ୍ତି ଓ ଏହା କେଉଁ ସବୁ ସ୍ଥାନରେ କେଉଁ ସବୁ ପ୍ରକଳ୍ପ ଚଳିତ ବର୍ଷ କରାଯିବ?

----

## ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ

5102 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ କେଉଁଠାରେ କେତୋଟି ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ମାଧ୍ୟମରେ କେତେ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଉଛି, କେତୋଟି ନିର୍ମାଣଧୀନ ଓ ମଞ୍ଜୁରୀ ହୋଇଛି, କେତୋଟି ଅଚଳ ଅବସ୍ଥାରେ ଅଛି, ସମସ୍ତ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରି ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଦାରିଦ୍ର୍ୟତା ହାର

5103 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜ୍ୟର କେଉଁ ଜିଲ୍ଲାରେ ଦାରିଦ୍ର୍ୟତା ହାର କେତେ ଶତାଂଶ ପ୍ରକାଶ କରି ଅନଗ୍ରସର ପଛୁଆ ଜିଲ୍ଲାମାନଙ୍କରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରଣୟନ କରି ଏହି ଜିଲ୍ଲାମାନଙ୍କର ଆର୍ଥିକ ଅଭିବୃଦ୍ଧି ସହ ଜନସାଧାରଣଙ୍କ ଆର୍ଥିକ ପ୍ରଗତି ନିମିତ୍ତ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାଜସ୍ୱ ପ୍ରାପ୍ତି ପରିମାଣ

5104 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ ରାଜ୍ୟର କେଉଁ ବନ୍ଦରରୁ କେଉଁ କେଉଁ ସାମଗ୍ରୀ କେଉଁ ଦେଶକୁ ରପ୍ତାନୀ କରାଯାଇ ସେ ବାବଦରେ ସରକାର କେତେ ରାଜସ୍ୱ ପ୍ରାପ୍ତ ହୋଇଛନ୍ତି ?

----

**ଇଲେକ୍ଟ୍ରୋନିକ୍ସ Display Board ସ୍ଥାପନ**

5105 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜଧାନୀ ଭୁବନେଶ୍ୱର ସହ କେଉଁ ଜିଲ୍ଲାର କେଉଁ ସହରର କେଉଁ ସ୍ଥାନରେ ଇଲେକ୍ଟ୍ରୋନିକ୍ସ ଡିସ୍‌ପ୍ଲେ ବୋର୍ଡ ମାଧ୍ୟମରେ ସରକାରଙ୍କ ପ୍ରଗତିଶୀଳ କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇ ଏ ବାବଦରେ କେଉଁ ଠିକା ସଂସ୍ଥାକୁ କେତେ ଅର୍ଥ ପ୍ରଦାନ କରାଯାଇଛି, ଅଥବା ସରକାରଙ୍କ ତରଫରୁ ଏ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି, ରାଜ୍ୟ ସରକାରଙ୍କ ପ୍ରଗତିଶୀଳ କାର୍ଯ୍ୟକ୍ରମ କେନ୍ଦୁଝର, ଆନନ୍ଦପୁର, ଚମ୍ପୁଆ ଉପଖଣ୍ଡ ସଦର ମହକୁମା ସହ ଜିଲ୍ଲାର ପ୍ରତ୍ୟେକ ବ୍ଲକ ସଦର ମହକୁମା ଓ ପ୍ରମୁଖ ବଜାରରେ ଇଲେକ୍ଟ୍ରୋନିକ୍ସ ଡିସ୍‌ପ୍ଲେ ବୋର୍ଡ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ଗାଡ଼ି ଜବତ୍**

5106 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ କେତେ ବ୍ୟକ୍ତି ବିଭିନ୍ନ ବ୍ୟାଙ୍କ, ଅର୍ଥଲଗାଣକାରୀ ସଂସ୍ଥାରୁ ଋଣ କରି ଟ୍ରକ, ବସ୍, ଟିପର ଓ ଖଣିଜ ସମ୍ପଦ ପରିବହନ କରୁଥିବା ଭାରିଯାନ କ୍ରୟ କରିଥିଲେ ଓ ଋଣ କିସ୍ତି ସଠିକ୍ ସମୟରେ ପ୍ରଦାନ ନକରିବା କାରଣରୁ କେତେଗୋଟି ଗାଡ଼ିକୁ ଜବତ୍ କରାଯାଇ ରଖାଯାଇଛି ?

----

**ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ**

5107 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର କେଉଁ ନଦୀ, ଝରଣା, ପ୍ରାକୃତିକ ନାଳ ଓ ଚିରସ୍ରୋତା ଝରଣା ପାଣିକୁ ନିର୍ଭର କରି କେଉଁ କେଉଁ ଠାରେ ଉଠାଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିବା ବେଳେ ଚଳିତ ବର୍ଷ ଜଳ ପ୍ରବାହ ହ୍ରାସ ହେତୁ କେଉଁ କେଉଁ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଜଳ ଆହରଣ ହୋଇ ନପାରି ବନ୍ଦ ଅଛି, ତାହାର ବିବରଣୀ ଦର୍ଶାଇ ଜିଲ୍ଲାର ନଦୀ, ନାଳ, ଝରଣା ଗୁଡ଼ିକୁ ବର୍ଷସାରା ଜଳପ୍ରବାହଗାମୀ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**Caste based Census**

5108 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether the Govt. intends to conduct a state-specific caste census, similar to other states, and (b) Whether the Govt. is aware that OBCs currently receive 0% reservation in education and only 11.25% in employment, When will it be increased to 27% in Education and employment both, And if so, when ?

----

## ବିଭିନ୍ନ ପ୍ରକଳ୍ପ ପାଇଁ ହୋଇଥିବା ଖର୍ଚ୍ଚର ସବିଶେଷ ତଥ୍ୟ

5109 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଲୁଣିବନ୍ଧ ଓ ନଦୀ ବନ୍ଧ ନିର୍ମାଣ ସହ ବନ୍ୟା ପ୍ରତିରୋଧ ଢାଞ୍ଚା ନିର୍ମାଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରାବଧାନ କରାଯାଇଥିବା ୭୧୦ କୋଟି ଟଙ୍କା ମଧ୍ୟରୁ କେତେ ଟଙ୍କା, କେଉଁ କେଉଁ ପ୍ରକଳ୍ପ ପାଇଁ ଅଦ୍ୟାବଧି ଖର୍ଚ୍ଚ କରାଯାଇଛି, ଜିଲ୍ଲାୱାରୀ, ପ୍ରକଳ୍ପୱାରୀ କାର୍ଯ୍ୟର ନାମ, ଖର୍ଚ୍ଚ ହୋଇଥିବା ପରିମାଣର ସବିଶେଷ ତଥ୍ୟ ପ୍ରଦାନ କରିବା ସହ, (ଖ) ଡ୍ରେନ ଯୋଗେ ଜଳ ନିଷ୍କାସନ ପାଇଁ 'ଡ୍ରେନ ଉନ୍ନତିକରଣ ଯୋଜନା-2.0' ଅନ୍ତର୍ଗତ ବଜେଟରେ ପ୍ରାବଧାନ କରାଯାଇଥିବା 330 କୋଟି ଟଙ୍କା କେଉଁ କେଉଁ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି ତା'ର ଜିଲ୍ଲାୱାରୀ, ପ୍ରକଳ୍ପୱାରୀ କାର୍ଯ୍ୟର ନାମ, ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ ସବିଶେଷ ତଥ୍ୟ ପ୍ରଦାନ କରିବେ କି ଏବଂ କେଉଁଠାରେ ଆଗାମୀ ଦିନରେ ଖର୍ଚ୍ଚ ପାଇଁ କେତେ ଆର୍ଥିକ ପ୍ରାବଧାନ ରଖାଯାଇଛି ?

----

## Heat Action Plans

5110 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) What are the Heat Action Plans (HAPS) so far developed, a structured approach to mitigating heat wave impacts -for our state, our districts and cities at the behest of NDHA, (b) Details of that terms and long term plans and what are the coordinating mechanizing in place for different Depts., and As our state notified 'Heat' as a disaster for better resource allocation ?

----

## ଯାଞ୍ଚ କରାଯାଇଥିବା ଖଣି ସମ୍ପର୍କରେ ତଥ୍ୟ

5111 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଖଣିଜ ସମ୍ପଦର ଅବୈଧ ଖନନ ଓ ଚୋରା ଚାଲାଣ ରୋକିବା ପାଇଁ ରାଜ୍ୟସ୍ତରୀୟ ପ୍ରବର୍ତ୍ତନ ଦଳ (SLES) ଓ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ (DLTF) ବିଗତ ୩ ବର୍ଷ ଠାରୁ ଅଦ୍ୟାବଧି କେଉଁ ଜିଲ୍ଲାର କେଉଁ ଖଣି ଗୁଡିକର ଯାଞ୍ଚ କରାଯାଇ କି କି ତଥ୍ୟ ପ୍ରଦାନ କରିଛନ୍ତି, ତାହାର ଜିଲ୍ଲାୱାରୀ, ଖଣିୱାରୀ ବ୍ୟକ୍ତି ବିଶେଷ/ସଂସ୍ଥାୱାରୀ ସେମାନଙ୍କର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି , (ଖ) MMDR Act 1957ର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାସ୍ତରୀୟ ଖଣିଜ ସଂଗଠନ ପାଣ୍ଠି ମାଧ୍ୟମରେ କେଉଁ ଜିଲ୍ଲାର କେଉଁ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ କେତେ ଅର୍ଥ ବ୍ୟୟ କରାଯାଇଛି ତାହାର ଜିଲ୍ଲାୱାରୀ ଖର୍ଚ୍ଚ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟର ବିବରଣୀ ବିଗତ ୫ ବର୍ଷ ଠାରୁ ଅଦ୍ୟାବଧିର ତାଲିକା ପ୍ରଦାନ କରିବେ କି ?

----

## ଖଣି ରାଜସ୍ୱ ଓ ରୟାଲଟି ଆଦାୟ କରାଯିବାର ସମୀକ୍ଷା ସମ୍ପର୍କରେ ବିବରଣୀ

5112 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବର୍ଷକୁ ବର୍ଷ ଖଣି ରାଜସ୍ୱ ଓ ରୟାଲଟି କିପରି ଆଦାୟ କରାଯାଏ ତାହାର ସମୀକ୍ଷା କିଭଳି ଓ କେଉଁ ଅବଧିରେ ସରକାର କରିଥାନ୍ତି ତାହାର ଏକ ସରଳ ବିବରଣୀ ଦେବେ କି, ଏବଂ (ଖ) ଅଣତାରକା ପ୍ରଶ୍ନ ସଂଖ୍ୟା ୨୬୩ ତା ୨୫/୦୭/୨୦୨୪ ରିଖ ଉତ୍ତର ପରିପ୍ରେକ୍ଷୀରେ ୨୦୧୯ ରୁ ୨୦୨୪ ମଧ୍ୟରେ ପଇଠ ହୋଇଥିବା ରୟାଲଟି ଓ ରାଜସ୍ୱ ଆଦାୟରେ ଯଥାକ୍ରମେ ୨୦୨୦-୨୧ ରେ ୭୫୭୨.୧୨ ରୁ ବଢ଼ିକି ୨୦୨୧-୨୨ ରେ ୩୪୧୮୮.୯୮ ରୁ ହେବା ଓ ୨୦୨୨-୨୩ ରେ ଏହା ପୁଣି ୨୨୬୮୩.୨୬ କୁ କମିବା ଓ ପୁଣି ୨୦୨୩-୨୪ ରେ ୨୭୩୦୫.୬୪ କୁ ବଢି ଯିବାର କାରଣ ଓ ରହସ୍ୟ ଉନ୍ମୋଚନ କରିବେ କି, ଏବଂ ଏହି ରୟାଲଟି ଏବଂ ରାଜସ୍ୱ ସଂଗ୍ରହର ପ୍ରକ୍ରିୟାରେ ଷ୍ଟାଣ୍ଡାର୍ଡ ଅପରେସନ୍ ପଦ୍ଧତି କ'ଣ ଓ ଏହା କିପରି ନିର୍ଣ୍ଣୟ କରାଯାଇଥାଏ ତାହାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି?

----

## ଭଦ୍ରକ ଜିଲ୍ଲାର ପ୍ରତ୍ୟେକ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ

5113 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାର କେଉଁ କେଉଁ ରାସ୍ତାରେ, କେଉଁ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ହୋଇଛି, ପ୍ରକାଶ କରି ପ୍ରତ୍ୟେକ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଭଦ୍ରକ ଜିଲ୍ଲାର ସାମ୍ବାଦିକଙ୍କ ତାଲିକା

5114 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ମାନଙ୍କର ତାଲିକା ଦର୍ଶାଇ ସେମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଧାମରା ବନ୍ଦରରୁ ପାଇଥିବା ରାଜସ୍ୱର ବିବରଣୀ

5115 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ଧାମରା ବନ୍ଦରରୁ ବିଗତ ତିନି ବର୍ଷରେ ସରକାର କେଉଁ ବାବଦରେ କେତେ ରାଜସ୍ୱ ପାଇଛନ୍ତି ?

----

## ଉଠାଜଳସେଚନ ପ୍ରକଳ୍ପକୁ ପୁନଃକାର୍ଯ୍ୟକ୍ଷମ

5116 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭଣ୍ଡାରୀପୋଖରୀ ବନ୍ତ ବ୍ଲକ ସହ ଭଦ୍ରକ ଜିଲ୍ଲାରେ କେତେଗୋଟି ଉଠାଜଳସେଚନ ପ୍ରକଳ୍ପ ଅଚଳ ଅବସ୍ଥାରେ ଅଛି ତାହାକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଅଣକୃଷି ଉଦ୍ଦେଶ୍ୟରେ ବିନିଯୋଗ ହୋଇଥିବା ଚାଷଜମିର ପରିମାଣ

5117 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ କେଉଁ ତହସିଲ ଅଧିନରେ ବିଗତ ତିନି ବର୍ଷରେ କେତେ ଚାଷ ଜମି ଅଣକୃଷି ଉଦ୍ଦେଶ୍ୟରେ ବିନିଯୋଗ ହୋଇ କେତେ ପ୍ରିମିୟମ ଆଦାୟ ହୋଇଛି?

----

## ସୂଚନା ପ୍ରଦାନ

5118 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବରଗୁଡିକ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଶାସନ ସଚିବ ଆଦିଙ୍କ ଦୃଷ୍ଟିକୁ ଆଣିବା ପାଇଁ କଣ ସବୁ ବ୍ୟବସ୍ଥା ରହିଛି ଏବଂ ଏଥିପାଇଁ କେତେ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ରହିଛନ୍ତି, ଛାପା ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଓ ବିଭିନ୍ନ ସୋସିଆଲ ମିଡିଆରେ ପ୍ରକାଶିତ ଖବର କେତେ ସମୟ ମଧ୍ୟରେ କେଉଁଭଳି ଭାବେ ଉପରୋକ୍ତ ମନ୍ତ୍ରୀ ଓ ଅଫିସରଙ୍କ ନିଜରକୁ ଅଣାଯାଇଛି ସେ ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରିବେକି?

----

## ଜଳ ବ୍ୟବହାର

5119 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମାର୍ଚ୍ଚ ମାସ 15 ତାରିଖ ସୁଦ୍ଧା ରାଜ୍ୟର କେଉଁ ନଦୀରେ ଜଳସ୍ତର କେତେ ରହିବା କଥା ଓ ବର୍ତ୍ତମାନସୁଦ୍ଧା କେଉଁ ନଦୀରେ ଜଳସ୍ତର କେତେ ରହିଛି, କେଉଁ କେଉଁ ନଦୀର ଅବବାହିକା ବର୍ତ୍ତମାନସୁଦ୍ଧା ଶୁଷ୍କ ପଡିଛି ତାହାର ଏକ ତାଲିକା ଦେବା ସହିତ ପାନୀୟ ଜଳର ବ୍ୟବହାର ପାଇଁ ଗତ 5 ବର୍ଷ ମଧ୍ୟରେ କେଉଁ ନଦୀରୁ କେତେ ଜଳ ବ୍ୟବହାର ହେଉଛି ତାହାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବେକି?

----

## ସି.ଏସ.ଆର ଅର୍ଥ ବିନିଯୋଗ

5120 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ରାଜ୍ୟ ଖଣି ନିଗମର କେଉଁ କେଉଁ ସ୍ଥାନରେ କି ପ୍ରକାରର କେତେ ସଂଖ୍ୟକ ଖଣି ରହିଛି ଏବଂ ଏହିସବୁ ଖଣିରୁ ଖନନ ପାଇଁ କେଉଁ କେଉଁ ସଂସ୍ଥା ବା କଂପାନୀକୁ ଦାୟିତ୍ୱ ଦିଆଯାଇଛି, ଗତ 5 ବର୍ଷ ମଧ୍ୟରେ ଓଡିଶା ଖଣି ନିଗମ କେତେ ଟଙ୍କାର ବ୍ୟବସାୟ କରି କେତେ ଲାଭ ଅର୍ଜନ କରିଛି କେତେ ପରିମାଣର ଲାଭାଂଶ ସରକାରଙ୍କୁ ପ୍ରଦାନ କରିଛି ଏବଂ ସି.ଏସ.ଆର ବାବଦରେ କେଉଁ ଜିଲ୍ଲାରେ କେତେ ଅର୍ଥ ଖର୍ଚ୍ଚ କରିଛି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେକି?

----

## ଲକ୍ଷ୍ମୀବସ ସେବା ସଂପର୍କରେ

5121 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀବସ ଯୋଜନାରେ ଚଳାଚଳ ପାଇଁ କେଉଁ ମସିହାରେ କେତୋଟି ବସ କିଣାଯାଇଥିଲା ଓ ଏଥିପାଇଁ କେତେ ଅର୍ଥ ବ୍ୟୟ ହୋଇଥିଲା, ବର୍ତ୍ତମାନ ଏହିସବୁ ବସ ମଧ୍ୟରେ କେଉଁ ଜିଲ୍ଲାରେ କେତୋଟି ବସ ଚଳାଚଳ କରୁଛି ଏବଂ ଯୋଜନା ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ଯାତ୍ରୀ ଏହି ବସରେ ଯାତ୍ରା କରିଛନ୍ତି ଓ ଏବାବଦରେ ରାଜ୍ୟ ସରକାର କେତେ ଅର୍ଥ ବ୍ୟୟ କଲେ ତାହାର ଏକ ତାଲିକା ପ୍ରଦାନ କରିବେକି?

----

## ରାଜସ୍ୱ କ୍ଷତିର ପରିମାଣ

5122 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନ୍ୟ ରାଜ୍ୟରେ ପଂଜିକରଣ ହୋଇଥିବା ଯାନଗୁଡିକ ଓଡିଶାରେ ଚଳାଚଳ କରିବା ପାଇଁ କଣ ସବୁ ନିୟମ ରହିଛି ଏବଂ ବର୍ତ୍ତମାନ ବାହାର ରାଜ୍ୟରେ ପଂଜିକରଣ ହୋଇଥିବା କେତେ ସଂଖ୍ୟକ ଯାନ ଓଡିଶାରେ ଚଳାଚଳ କରୁଛି, ଏହିସବୁ ଯାନର ସଂଖ୍ୟା ଓ କିସମର ଏକ ତାଲିକା ଦେବା ସହିତ ଏଥିଯୋଗୁଁ ରାଜ୍ୟ ସରକାରଙ୍କର କେତେ ରାଜସ୍ୱ କ୍ଷତି ହେଉଛି ତାହାର ସୂଚନା ପ୍ରଦାନ କରିବେକି?

----

## Adani Port ରୁ ହେଉଥିବା ଆମଦାନୀ ଏବଂ ରପ୍ତାନୀ

5123 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ଧାମରା Port ରୁ କେତେ ପରିମାଣରେ ଏବଂ କେଉଁ କେଉଁ ପଣ୍ୟଦ୍ରବ୍ୟ ଆମଦାନୀ ଏବଂ ରପ୍ତାନୀ କରାଯାଉଛି, ସେଥିରୁ କେଉଁ କେଉଁ ପଣ୍ୟଦ୍ରବ୍ୟ କେତେ ପରିମାଣରେ ରାସ୍ତା ଏବଂ ଟ୍ରେନ ଯୋଗେ ପରିବହନ କରାଯାଇଛି, ସ୍ଥଳପଥରେ ପରିବହନ ବୃଦ୍ଧି କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେକି?

----

## ପ୍ରକଳ୍ପ ନିର୍ମାଣ

5124 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ 2024 2025 ଏବଂ 2025 2026 ଆର୍ଥିକ ବର୍ଷରେ ଜଳସେଚନ ବିଭାଗର କେଉଁ କେଉଁ ପ୍ରକଳ୍ପ ନିର୍ମାଣ ପାଇଁ ସରକାର ହାତକୁ ନେଇଛନ୍ତି?

----

## କଂକ୍ରିଟ୍ ରାସ୍ତା ନିର୍ମାଣ

5125 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ନଟିଆ ଠାରୁ ଧାନଖଣିଆ ପର୍ଯ୍ୟନ୍ତ ନଦୀବନ୍ଧକୁ କଂକ୍ରିଟ୍ ରାସ୍ତା ନିର୍ମାଣ କରିବା ପାଇଁ ସରକାର ପଦକ୍ଷେପ ନେବେକି?

----

## ମନେଇ ନଦୀବନ୍ଧର ଟେଣ୍ଡର

5126 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧାମରାର ଝାଡକାଟିଠାରେ ଅଧା ରହିଯାଇଥିବା ମନେଇ ନଦୀବନ୍ଧର ଟେଣ୍ଡର କେବେ ହେବ?

----

## ନଦୀ ବନ୍ଧ ନିର୍ମାଣ

5127 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ କେଉଁ କେଉଁ ନଦୀ ବନ୍ଧକୁ ଲୋକେ ରାସ୍ତା ଉପରେ ବ୍ୟବହାର କରୁଛନ୍ତି ଏଥିମଧ୍ୟରୁ କେତେ ରାସ୍ତା, ମାଟି ଏବଂ କେତେ ରାସ୍ତା ମୋରମ ଅବସ୍ଥାରେ ଅଛି, ଏହି ରାସ୍ତାକୁ ପିଚୁ କିମ୍ବା କଂକ୍ରିଟ କରିବା ପାଇଁ ସରକାର ପଦକ୍ଷେପ ନେବେକି?

----

## କାର୍ଯ୍ୟକାରୀ ହେଉଥିବା ଯୋଜନା

5128 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ମୋଟ କେତୋଟି କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି ଓ କେତୋଟି ଯୋଜନା ରାଜ୍ୟ ଓ କେନ୍ଦ୍ର ସରକାର ଉଭୟ କାର୍ଯ୍ୟକାରୀ କରୁଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର କାର୍ଯ୍ୟକାରୀ କରୁଥିବା BSKY ଓ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନାରେ ହିତାଧିକାରୀମାନେ ବିଶେଷ ସୁବିଧା କେଉଁ ଯୋଜନାରୁ କିପରି ପାଉଛନ୍ତି ତାର ଏକ ବିବରଣୀ ଦେବା ସହିତ ଓ ଅନ୍ୟ କେନ୍ଦ୍ରୀୟ ଯୋଜନା କିପରି ଭାବେ ହିତାଧିକାରୀମାନଙ୍କୁ ବିଶେଷ ସୁବିଧା ଦେଇପାରୁନାହିଁ ତାର ଏକ ବିବରଣୀ ଦେବେକି?

----

## ବିନିଯୋଗ ହୋଇପାରିନଥିବା ଅର୍ଥର ପରିମାଣ

5129 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଧାୟକ ଓ ସାଂସଦ ପାଣ୍ଠିରେ 2014 2015 ରୁ 2024 2025 ବର୍ଷ ମଧ୍ୟରେ କେତେ ଅର୍ଥ ସଂପୂର୍ଣ୍ଣ ବିନିଯୋଗ ହୋଇଥିବାବେଳେ କେତେ ଅର୍ଥ ବିନିଯୋଗ ହୋଇପାରିନାହିଁ ତାର ଜିଲ୍ଲା ଓ ବର୍ଷୱାରୀ ବିବରଣୀ ପ୍ରଦାନ କରିବେକି, ନିର୍ଦ୍ଧାରିତ ବର୍ଷ ଓ ସମୟ ଅବଧି ମଧ୍ୟରେ ଅର୍ଥ ମଂଜୁର ଏବଂ ଅର୍ଥ ବ୍ୟୟ ନହୋଇପାରିବାର ପ୍ରମୁଖ କାରଣଗୁଡିକ କଣ ତାହା ଜଣାଇବେକି?

----

## ରେଙ୍ଗାଳୀ ବିସ୍ଥାପିତଙ୍କ ପାଇଁ ଯୋଜନା

5130 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରେଙ୍ଗାଳୀ ବହୁମୁଖୀ ଯୋଜନାରେ ବିସ୍ଥାପିତଙ୍କ ଥଇଥାନ ତଥା କ୍ଷତିପୂରଣ ବାବଦରେ ୨୦୨୫ /୨୬ ବଜେଟରେ ରେଙ୍ଗାଳୀ ବିସ୍ଥାପିତଙ୍କ ପାଇଁ କଣ ଯୋଜନା ଏବଂ କେତେ ଅର୍ଥ ରାଶି ରଖିଛନ୍ତି ପ୍ରକାଶ କରିବେ କି ?

----

## ବସୁନ୍ଧରା ଯୋଜନାରେ ପ୍ରାପ୍ତ ଆବେଦନର ସଂଖ୍ୟା

5131 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ଼ ଜିଲ୍ଲାରେ ସରକାରଙ୍କ ତରଫରୁ ଆଜି ସୁଦ୍ଧା ବସୁନ୍ଧରା ଯୋଜନାରେ କେତେ ଜଣ ଭୂମିହୀନଙ୍କ ପାଖରୁ ଆବେଦନ ପ୍ରାପ୍ତ ହୋଇଅଛି ତାର ପଞ୍ଚାୟତୱାରୀ ପରିସଂଖ୍ୟାନ ଏବଂ କେତେଜଣଙ୍କୁ ପଟ୍ଟା ପ୍ରଦାନ ହୋଇଛି କିମ୍ବା ଯୋଗ୍ୟ ବିବେଚନା କରାଯାଇଅଛି ତାର ପଞ୍ଚାୟତୱାରୀ ତଥ୍ୟ ନାମ ଏବଂ ଗ୍ରାମର ନାମ ସହ ପ୍ରଦାନ କରିବେ କି ?

----

## ବିଧାୟକ ପାଣ୍ଠିରୁ ହୋଇଥିବା କାର୍ଯ୍ୟ

5132 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଦେବଗଡ଼ ନିର୍ବାଚନ ମଣ୍ଡଳୀରେ ବିଗତ ୧୦ ବର୍ଷ ୨୦୧୪ - ୧୫ ରୁ ୨୦୨୪ -୨୫ ମଧ୍ୟରେ ବିଧାୟକ ପାଣ୍ଠିରୁ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ଏବଂ ଖର୍ଚ୍ଚ ହୋଇଥିବା ଅର୍ଥରାଶି ପଞ୍ଚାୟତୱାରୀ ବିବରଣୀ ପ୍ରଦାନ କରିବେ କି ?

----

**Delay in the "Rejuvenation of Sukupaika Drainage Channel"**

**5133 Smt. Sofia Firdous (Barabati-Cuttack):**

Will the **Chief Minister** be pleased to state that:- (a) The reasons for the delay in the "Rejuvenation of Sukupaika Drainage Channel" under Cuttack Sadar; (b) Why only 50% of the Sluice Gate work is completed, and 40% of land requisition is still pending and reason for the eight month delay in the design for the escape channel from Taladanda Canal; What steps are being taken to ensure the project's completion and will the department provide a deadline for its completion ?

----

**Proposals for expansion of Steel Industries**

**5134 Smt. Sofia Firdous (Barabati-Cuttack):**

Will the Minister for **Steel and Mines** be pleased to state that:- (a) How many steel industries in the State have submitted proposals for expansion will the Govt provide industry -wise details ; (b) What is the total investment planned for each proposed expansion project and what is the expected employment generation from each expansion project, both direct and indirect ; What specific measures and policies have been implemented to ensure prioritization of local employment in these expansion projects ?

----

**Large -Scale illegal Sand mining**

**5135 Smt. Sofia Firdous (Barabati-Cuttack):**

Will the Minister for **Steel and Mines** be pleased to state that:- (a) Whether the Government is aware of the large -scale illegal sand mining and unauthorized transportation of sand using trucks with fraudulent documentation; (b) What steps have been taken to curb illegal sand extraction and transportation and how many vehicles have been seized in the past year ; and Has any inquiry been conducted into the involvement of local officials in facilitating such illegal activities ; What measures are being

implemented to strengthen mointoring, enforce stricter penalties and ensure sustainable sand mining practices in the affected regions ?

----

### Coal theft involving illegal number plate changes

**5136 Smt. Sofia Firdous (Barabati-Cuttack):**

Will the Minister for **Steel and Mines** be pleased to state that:- How many cases of Coal theft involving illegal number plate changes have been reported in the last five years ; How many vehicles involved in such illegal activities have been seized, and from which locations; What action has been taken against the vehicle owners, transporters and mine and staff involved ; What measures are in place to prevent such organized coal theft and ensure strict monitoring of coal transportation ?

----

### ସ୍କ୍ରାର୍ପ ପଲିସି ଅନୁଯାୟୀ ନଷ୍ଟ କରାଯାଇଥିବା ଗାଡ଼ିର ବିବରଣୀ

**5137 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ କେଉଁ ଜିଲ୍ଲାରେ ୨୦ ବର୍ଷ ଓ ୧୫ ବର୍ଷ ଅବଧି ପୂର୍ଣ୍ଣ କରିଥିବା କେଉଁ କିସମର କେତେଗୋଟି ଗାଡ଼ିକୁ ସ୍କ୍ରାର୍ପ ପଲିସି ଅନୁଯାୟୀ ନଷ୍ଟ କରାଯାଇଛି ?

----

### କଟକ ଜିଲ୍ଲାରେ ହୋଇଥିବା ରାସ୍ତା ଦୁର୍ଘଟଣା ସମ୍ପର୍କରେ

**5138 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେଗୋଟି ରାସ୍ତା ଦୁର୍ଘଟଣା ସଂଘଠିତ ହୋଇ କେତେଜଣ ମୃତାହତ ହୋଇଛନ୍ତି, ଜିଲ୍ଲାରେ ରାସ୍ତା ଦୁର୍ଘଟଣା ହ୍ରାସ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

### ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ

**5139 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଶିଷ୍ଟ ସାହିତ୍ୟିକ , ପୂର୍ବତନ ସାଂସଦ ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପାଳନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ସହରାଞ୍ଚଳରେ ଥିବା ଗୋଚର ଜମିର ସୁରକ୍ଷା

5140 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସହରାଞ୍ଚଳରେ ଥିବା ଗୋଚର ଜମିର ସୁରକ୍ଷା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କେନାଲର ଜାଗାକୁ ଜବରଦଖଲମୁକ୍ତ ପାଇଁ ପଦକ୍ଷେପ

5141 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲା ମଧ୍ୟରେ ଥିବା କେଉଁ କେଉଁ ଶାଖା କେନାଲ୍ ଓ ଡିଷ୍ଟ୍ରିବ୍ୟୁଟାରୀକୁ ମୃତ କେନାଲ୍ ଘୋଷଣା କରାଯାଇଛି ଓ ଏହି କେନାଲ୍ ମଧ୍ୟରୁ କେତେ ଜାଗାକୁ କେଉଁମାନେ ଜବରଦଖଲ କରୁଛନ୍ତି, ତାହାକୁ ଜବରଦଖଲ ମୁକ୍ତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଚିଲିକା ମୁହାଁଣରେ ବନ୍ଦର ନିର୍ମାଣ

5142 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିଲିକା ମୁହାଁଣରେ ବନ୍ଦର ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ସମ୍ବାଦପତ୍ର କାର୍ଯ୍ୟାଳୟ ପାଇଁ ଜମି ପ୍ରଦାନ

5143 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରକାଶିତ କେଉଁ ସମ୍ବାଦପତ୍ର କାର୍ଯ୍ୟାଳୟ ପାଇଁ କେଉଁଠାରେ କେତେ ମୂଲ୍ୟରେ କେତେ ଜମି ପ୍ରଦାନ କରାଯାଇଛି ?

----

## ବିଭିନ୍ନ ଛକରେ ପାନୀୟଜଳର ବ୍ୟବସ୍ଥା

5144 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଗ୍ରୀଷ୍ମ ଋତୁରେ ପଥଚାରୀଙ୍କ ନିମନ୍ତେ ବିଭିନ୍ନ ଛକରେ ଖୋର୍ଦ୍ଧା ଜିଲ୍ଲାରେ ପାନୀୟଜଳ ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସ୍ଥାୟୀ ଜମିପଟ୍ଟା ପ୍ରଦାନ

5145 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ ପଞ୍ଚାୟତରେ କେତେ ପରିବାର ଭୂମିହୀନ ଅଛନ୍ତି; ସେମାନଙ୍କୁ ଚିହ୍ନଟ କରାଯାଇ ଉକ୍ତ ଭୂମିହୀନ ମାନଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରିବାକୁ ପଦକ୍ଷେପ ନେବେ କି?

----

## ଟ୍ରେନିଂ ପ୍ରଦାନର ଗୁଣବତ୍ତା ବୃଦ୍ଧି

5146 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ଜିଲ୍ଲାର ଛତିଆ ଠାରେ ଥିବା ଭାରୀଯାନ ସରକାରୀ ପ୍ରଶିକ୍ଷଣ କେନ୍ଦ୍ରର ଟ୍ରେନିଂ ପ୍ରଦାନର ଅବଧି କେତେ; ବର୍ଷକୁ ଏଠାରେ କେତେ ଜଣଙ୍କୁ ଟ୍ରେନିଂ ଦିଆଯାଉଛି ଓ ସେମାନଙ୍କୁ ମଧ୍ୟରୁ କେତେ ପ୍ରତିଶତଙ୍କୁ ଡ୍ରାଇଭିଂ ଚାକିରୀ ମିଳୁଛି ; (ଖ) ଦିନକୁ ଦିନ ସଡ଼କ ଦୁର୍ଘଟଣା ବଢୁଥିବା ବେଳେ, ଛତିଆ ପରି ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଭାରୀଯାନ ପ୍ରଶିକ୍ଷଣ କେନ୍ଦ୍ରର ଟ୍ରେନିଂ ପ୍ରଦାନର ଗୁଣବତ୍ତା ବୃଦ୍ଧି ନିମନ୍ତେ ସରକାର କିଛି ପଦକ୍ଷେପ ଗ୍ରହଣ କରୁଛନ୍ତି କି?

----

## ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

5147 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ତାରକା ପ୍ରଶ୍ନ 7୨ର 28-11-2024 ପ୍ରଦତ୍ତ ଉତ୍ତର ଆଧାରରେ ଗତ 10 ବର୍ଷ ମଧ୍ୟରେ ଓଡ଼ିଶା ସରକାର 540ଟି ବସ୍ କିଣିଛନ୍ତି; ସେଥିମଧ୍ୟରୁ 12୨ଟି ବସ୍ ଅର୍ଥାତ 23:୪୨% ବସ୍ ଅଚଳ ହୋଇ ପଡିଛି; ସରକାରୀ ବସ କିଣାକୁ ନେଇ ଯଦି ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଛି, ତାହାର ଏକ ନକଲ ପ୍ରଦାନ କରିବେ କି; (ଖ) ଗୋଟିଏ ସରକାରୀ ବସ୍ କେତେ ବର୍ଷ ଚଳାଚଳ କରିବା କଥା; ଏତେ ସଂଖ୍ୟକ ବସ୍ ଯାନ୍ତ୍ରୀକ ତ୍ରୁଟି କାରଣରୁ ଅଚଳ ହେବାକୁ ନେଇ କେହି ଉତ୍ତରଦାୟୀ କି; ଯଦି ହଁ, ତେବେ ଖିଲାପକାରୀ ଅଧିକାରୀଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି?

----

## Instream storage structure ପାଇଁ ମାଷ୍ଟର ପ୍ଲାନ

5148 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଯାଜପୁରରେ ପ୍ରବାହିତ ନଦୀ ଗୁଡିକର ଜଳର ସୁବିନିଯୋଗ ପାଇଁ ବିଭିନ୍ନ ସ୍ଥାନରେ ନଦୀବନ୍ଧ ବା Instream storage Structure ପାଇଁ ସରକାରଙ୍କ ମାଷ୍ଟର ପ୍ଲାନ୍ କଣ ରହିଛି ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି?

----

## ଖଣିଜ ସର୍ବେକ୍ଷଣ

5149 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ଖଣିଜର କେତେ ପରିମାଣରେ ମହଜୁଦ ଅଛି, ଏ ବାବଦରେ କେଉଁ କେଉଁ ଖଣିଜ ସର୍ବେକ୍ଷଣ କେବେ କରାଯାଇଥିଲା; ଏହି ଖଣିଜ ଗୁଡିକର ବାର୍ଷିକ ଆବଶ୍ୟକତାର କ'ଣ ଆକଳନ କରାଯାଇଛି; ବର୍ତ୍ତମାନ ହାରରେ କେଉଁ ଖଣିଜର ବାର୍ଷିକ କେତେ ଉତ୍ତୋଳନ ଓ ବ୍ୟବହାର ହେଉଛି; ବର୍ତ୍ତମାନ ହାରରେ ଖଣିଜ ଉତ୍ତୋଳନ ଓ ବ୍ୟବହାର ଅବ୍ୟାହତ ରହିଲେ କେଉଁ ଖଣିଜ Stock କେଉଁ ସମୟ ଅବଧିରେ ଶେଷ ହେବ ?

----

## ସ୍ଥାନମାନଙ୍କୁ ରେଳ ସଂଯୋଗ ନିମନ୍ତେ ପ୍ରସ୍ତାବ

5150 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର 2024-25 ମସିହାରେ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ସ୍ଥାନମାନଙ୍କୁ ରେଳ ସଂଯୋଗ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନା କରିଛନ୍ତି ; ସେ ପ୍ରସ୍ତାବରେ Bhadrak-Keonjhar ବା Jajpur-Keonjhar ରେଳ ସଂଯୋଗର ପ୍ରସ୍ତାବନା ଅଛି କି; ବିଗତ ପାଞ୍ଚ ବର୍ଷରେ ରାଜ୍ୟ ସରକାରଙ୍କ ତରଫରୁ କେଉଁ କେଉଁ ରେଳ ଲାଇନ ପ୍ରସ୍ତାବ କେନ୍ଦ୍ର ସରକାର ନିକଟରେ ଉପସ୍ଥାପନା କରାଯାଇ କେଉଁ କେଉଁ ପ୍ରକଳ୍ପ ବାବଦରେ କି ସୁଫଳ ମିଳିଛି ?

----

## କେନ୍ଦୁଝର ଜିଲ୍ଲାରେ ଥିବା ପଡ଼ା ଗ୍ରାମର ସଂଖ୍ୟା

5151 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ ସର୍ବମୋଟ କେତେ ପଡାଗ୍ରାମ (Hamlet) ଅଛି; ସେ ମଧ୍ୟରୁ କେତେ ପଡାଗ୍ରାମ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାକୁ ଯୋଗ୍ୟ ଥିଲାବେଳେ ତନ୍ମଧ୍ୟରୁ କେତେ ପଡାଗ୍ରାମ ରାଜସ୍ୱ ଗ୍ରାମ ମାନ୍ୟତା ପାଇଛି ଏବଂ କେଉଁ କେଉଁ ପଡାଗ୍ରାମ ରାଜସ୍ୱ ମାନ୍ୟତା ପାଇବାରୁ ବଞ୍ଚିତ ଅଛନ୍ତି; ସେ ପଡାଗ୍ରାମ ଗୁଡିକର ତହସିଲ ୱାରୀ ତାଲିକା ପ୍ରଦାନ କରିବେ କି; ଏ ଗୁଡିକ କେବେ ରାଜ୍ୟସ୍ୱ ଗ୍ରାମର ମାନ୍ୟତା ପାଇବେ ?

----

## ରେମାଳ ଓ କାଇଁଝାରି ମଧ୍ୟମ ଜଳସେଚନ ପ୍ରକଳ୍ପର ଜଳଧାରଣ କ୍ଷମତା

5152 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ରେମାଳ ଓ କାଇଁଝାରି ମଧ୍ୟମ ଜଳସେଚନ ପ୍ରକଳ୍ପ ଦୁଇଟିର ଜଳଧାରଣ କ୍ଷମତା (Catchment) କେତେ କେତେ ଏବଂ ଏ ଗୁଡିକର Ayacut ପରିମାଣ ପ୍ରକାଶ କରି ଏ ଗୁଡିକର Ayacutରେ ଥିବା ଗ୍ରାମ ଗୁଡିକର ନାମ ଜଳସେଚିତ ଜମିର ପରିମାଣ ଜଣାଇବେ କି; 2023- 24 ଓ 2024-25 ମସିହାରେ ଉଭୟ Project ରେ ବିଭିନ୍ନ ଯୋଜନାରେ କେଉଁ କେଉଁ କାମ ପାଇଁ କେତେ କେତେ ଅର୍ଥ ବରାଦ ଥିଲାବେଳେ କେଉଁ କେଉଁ କାମ ସଂପାଦିତ ହୋଇଛି, କେଉଁ କାମ ଚାଲୁ ରହିଛି, କେଉଁ କାମ ହେବା ପାଇଁ ବାକି ଅଛି ଏବଂ ଏ ଗୁଡିକର Project ମୂଲ୍ୟ ଆଦିର ତାଲିକା ପ୍ରଦାନ କରିବେ କି; ଏ ପ୍ରକଳ୍ପ ଦ୍ୱୟର Canal Lining କାମ କେତେ ସମ୍ପୂର୍ଣ ହୋଇଛି, କେତେ ବାକି ଅଛି; ବାକି ଥିବା Canal Lining କାମ ପାଇଁ ଏ ବର୍ଷ କିଛି ଆର୍ଥିକ ପ୍ରାବଧାନ ଥିଲେ ତା'ର ସୂଚନା ଦେବେ କି ?

----

## ଜଳସେଚନ ପ୍ରକଳ୍ପ ସମ୍ପର୍କରେ

5153 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନ ସରକାରଙ୍କ ତରଫରୁ କେଉଁ କେଉଁ ଜିଲ୍ଲାରେ କି କି ଜଳସେଚନ ପ୍ରକଳ୍ପ କେବେଠାରୁ ଚାଲିଛି ଓ ତାହା କେବେ ସମ୍ପୂର୍ଣ୍ଣ ହେବ, ରାଜ୍ୟର କେତୋଟି ବ୍ଲକରେ 35% କମ ଜଳସେଚନର ସୁବିଧା ରହିଛି, ଉକ୍ତ ବ୍ଲକ ମାନଙ୍କରେ ଜଳସେଚନର ହାର ବଢାଇବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Relief Code ମାଧ୍ୟମରେ ଦିଆଯାଉଥିବା benefit

5154 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର Relief Code ମାଧ୍ୟମରେ କି କି benefit ଦିଆଯାଉଅଛି ଏବଂ ବିଭିନ୍ନ ଦୈବି ଦୁର୍ବିପାକ ପାଇଁ କେତେ କେତେ ଅର୍ଥର ବ୍ୟବସ୍ଥା, ସଂପୂର୍ଣ୍ଣ ଘର ପୋଡିରେ, ଜମି ବାଲିଚର କେସରେ ଓ ଘରଭଙ୍ଗୀ କେସରେ ଅଧିକ ରାଶି ଯୋଗାଇ ଦେବା ପାଇଁ ବିଚାରାଧିନ ଅଛିକି, (ଖ) Odisha Relief Code ରେ ଆଉ କିଛି ଦୁର୍ବିପାକକୁ ଯୋଗ କରିବା ପାଇଁ ବ୍ୟବସ୍ଥା ଅଛି କି?

----

## ଘରଡ଼ିହ ପଟ୍ଟା ପାଇଁ ଆବେଦନ

5155 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କଟକ ଜିଲ୍ଲାରେ କେଉଁ ତହସିଲ ଅଧିନରେ କେତେ ଘରଡିହହୀନ ପରିବାର ଘରଡିହ ପଟ୍ଟା ପାଇଁ ଆବେଦନ କରିଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି ଓ ଅବଶିଷ୍ଟଙ୍କୁ କେବେସୁଦ୍ଧା ଘରଡିହ ପଟ୍ଟା ପ୍ରଦାନ କରାଯିବ ପ୍ରକାଶ କରିବେ କି ?

----

## କୃଷିନୀତି ଅନୁଯାୟୀ ଜଳସେଚନର ସୁବିଧା

5156 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କୃଷି ନୀତି ଅନୁଯାୟୀ କଟକ ଜିଲ୍ଲାରେ ଅଦ୍ୟାବଧି କେଉଁ ବ୍ଲକର କେତେ ହେକ୍ଟର ଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଇଛି ; ଅଧିକ ପରିମାଣର ଜମିକୁ କୃଷି ନୀତି ଅନୁଯାୟୀ ଜଳସେଚନର ସୁବିଧା ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## କଟକ ଜିଲ୍ଲାରେ ପୂର୍ଣ୍ଣାଙ୍ଗ ଜଳସେଚନ

5157 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କଟକ ଜିଲ୍ଲାର କେଉଁ ବ୍ଲକରେ କେତେ ଶତାଂଶ ଜମିକୁ ଜଳସେଚିତ କରାଯାଇପାରିନାହିଁ ଓ ଜିଲ୍ଲାକୁ ପୂର୍ଣ୍ଣାଙ୍ଗ ଜଳସେଚିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ହୋଇଥିବା କାମ ସମ୍ପର୍କରେ

5158 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚିଫ୍ ଇଞ୍ଜିନିୟର ବୈତରଣୀ ବେସିନ କେଉଁଝର ଅଧିନରେ IRRIGATION DIVISION SALAPADA ଅନ୍ତର୍ଗତ A.B. DIVISION NO1, Bidyadharpurରେ ବିଗତ ଆର୍ଥିକ ବର୍ଷ ୨୦୨୨-୨୦୨୩, ୨୦୨୩-୨୦୨୪ ଓ ୨୦୨୪-୨୫ ଫେବୃୟାରୀ ପର୍ଯ୍ୟନ୍ତ ୫୦,୦୦୦ରୁ ୫,୦୦,୦୦୦/-K2, F2 ଓ P1, Award ହୋଇଛି କି, ଯଦି ଉତ୍ତର ହଁ ହୁଏ କେଉଁକାମ କେଉଁ ଅନୁଦାନରୁ ଦିଆଯାଇଛି, ତାର ଠିକାଦାରଙ୍କ ନାମ, ଚୁକ୍ତି ନଂ, କାମର ଆରମ୍ଭ ଓ ଶେଷତାରିଖ ଓ କେତେ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି, ଉକ୍ତ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି କି ନାହିଁ ଓ କେତେ ଟଙ୍କାର ବିଲ୍ ପେମେଣ୍ଟ କରାଯାଇଛି ଓ କାହାକୁ କାହାକୁ ହୋଇଛି ?

----

## ଅନୁଦାନର ପରିମାଣ

5159 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସେଚାଞ୍ଚଳ ଉନ୍ନୟନ ଡିଭିଜନ No.-3 ଭଦ୍ରକ ଅଧିନସ୍ଥ ସାଳନ୍ଦୀ ଲେଫ୍ଟ ଓ ସାଳନ୍ଦୀ ରାଇଟ୍ କମାଣ୍ଡ ଏରିଆରେ 2020-2021, 2021-2022, 2022-2023, 2024-2025 ବର୍ଷରେ କେତେ ଟଙ୍କାର ଅନୁଦାନ ଆସିଛି, 50,000 ରୁ 5,00000/- K2, F2 ଓ P1 କେଉଁ କେଉଁ ପାଣି ପଞ୍ଚାୟତକୁ କେତେ ଟଙ୍କାର ଅନୁଦାନ ଦିଆଯାଇଅଛି, କେତେ ଟଙ୍କାର ବିଲ୍ ପେମେଣ୍ଟ କରାଯାଇଛି, କାହାକୁ କାହାକୁ ପେମେଣ୍ଟ ହୋଇଛି ?

----

## ଯାନ୍ତ୍ରୀକ ଅଧିକାରୀ ପଦବୀ ପୂରଣ

5160 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜଳ ସମ୍ପଦ ବିଭାଗର କ୍ଷେତ୍ର ସ୍ତରରେ ଅନେକ ଯାନ୍ତ୍ରିକ ଅଧିକାରୀଙ୍କ ସ୍ତରରେ J.E./A.E., A.E.E., S.E., C.C.E., C.E. ପଦ ଖାଲି ରହିଛି, ଏଗୁଡିକ ପୂରଣ କରିବା ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ଭାଙ୍ଗି ପଡିଥିବା ଗଛ କାଟିବା ପାଇଁ ବ୍ୟବସ୍ଥା

5161 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲା ସୋର ମ୍ୟୁନସିପାଲିଟି 4 ନମ୍ବର ୱାର୍ଡ (ଶିବ ମନ୍ଦିର ନିକଟ) ରେ ଏକ ବିରାଟ ଗଛ ପଡି ବାତ୍ୟା ଦାନାରେ ଭାଙ୍ଗିଥିବା ହେତୁ ସ୍ଥାନୀୟ ଘର ଓ ଜୀବନ ପ୍ରତି ବିପଦ ଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଓ ସମ୍ପୃକ୍ତ ଗଛ କାଟିବା ପାଇଁ ପଦକ୍ଷେପ ନେବେ କି ?

----

## ଯୋଜନା ବୋର୍ଡ ସଦସ୍ୟଙ୍କ ତାଲିକା

5162 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଯୋଜନା ବୋର୍ଡର ସଦସ୍ୟ ସଂଖ୍ୟା ଓ ସଦସ୍ୟଙ୍କ ତାଲିକା ଦେବେ କି, ଉକ୍ତ କମିଟି ବାର୍ଷିକ କେତେ ଥର ବସିବା କଥା, 2014 ଠାରୁ 2024 କେତେ ଥର ଏହି ବୋର୍ଡର ବୈଠକ ଅନୁଷ୍ଠିତ ହୋଇଛି, (ଖ) ଏହି ବିଭାଗରେ ବର୍ଷକୁ କେତେ ଟଙ୍କା ଖର୍ଚ୍ଚ ହୁଏ, 2022, 2023 ଦୁଇ ବର୍ଷ କେତେ ଟଙ୍କା ବିଭାଗରେ ଅଟକଳ ଥିଲା, କେତେ ଖର୍ଚ୍ଚ ହୋଇଛି, ଏହି ବିଭାଗର ଦାୟିତ୍ୱ କଣ, ଯୋଜନା ଓ ସଂଯୋଜନା ବିଭାଗର ପରିଚାଳନା ଓ କାର୍ଯ୍ୟାବଳିର ଏକ guideline ଯୋଗାଇ ଦେବେ କି ?

----

## ମେଟ୍ରୋ ପ୍ରକଳ୍ପକୁ ସହାୟତା

5163 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର-କଟକ ପ୍ରସ୍ତାବିତ ମେଟ୍ରୋ ପ୍ରକଳ୍ପକୁ କେନ୍ଦ୍ର ସରକାର କେତେ ସହାୟତା ପ୍ରଦାନ କରୁଛନ୍ତି ବା କରିବାକୁ ପ୍ରତିଶୃତି ଦେଇଛନ୍ତି ?

----

## ଗଚ୍ଛିତ ଥିବା ଖଣିଜ ସମ୍ପଦର ପରିମାଣ

5164 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ଲୁହାପଥର, ବକ୍ସାଇଟ, ମାଙ୍ଗାନିଜ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ କେଉଁ କେଉଁ ଜିଲ୍ଲାରେ କେତେ ପରିମାଣରେ ଗଚ୍ଛିତ ଅଛି ଏବଂ ପ୍ରତିବର୍ଷ ଏଥିରୁ କେତେ ଉତ୍ପାଦନ ସେସ୍ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ନେଉଛନ୍ତି ତାହାର ଜିଲ୍ଲାୱାରୀ ତଥ୍ୟ ଉପସ୍ଥାପନ କରିବେ କି ?

----

**ପଟ୍ଟାଙ୍ଗୀରେ ଉତ୍ତୋଳନ କରାଯାଉଥିବା ବକ୍ସାଇଟର ପରିମାଣ**

5165 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ଥିବା NALCO କମ୍ପାନୀ ଦ୍ୱାରା ପ୍ରତିବର୍ଷ କେତେ ବକ୍ସାଇଟ ଉତ୍ତୋଳନ କରାଯାଏ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କେତେ ରାଜସ୍ୱ ପ୍ରଦାନ କରେ ଏହାର ତଥ୍ୟ ସହ ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ପ୍ରତିବର୍ଷ କେତେ ଟଙ୍କା ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ ଖର୍ଚ୍ଚ କରାଯାଉଛି ତାହାର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

**ସୁନା ଖଣି ସନ୍ଧାନ**

5166 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝରରେ ସୁନାଖଣିର ସନ୍ଧାନ ମିଳିଥିବାବେଳେ ତାହାର ଉତ୍ତୋଳନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ସରକାରୀ ପ୍ରେସର ଆଧୁନିକୀକରଣ**

5167 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସରକାରୀ ପ୍ରେସ୍ ଗୁଡିକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ଚଳିତ ବର୍ଷ କେଉଁ ପ୍ରେସ୍ ପାଇଁ କେତେ ଅର୍ଥ ମଞ୍ଜୁର ହୋଇଛି ଓ ସମସ୍ତ ପ୍ରେସକୁ ଆଧୁନିକୀକରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ସମ୍ବାଦପତ୍ରଗୁଡିକୁ ସହାୟତା**

5168 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷରେ କେଉଁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡିକୁ ସରକାର କେତେ ସହାୟତା ପ୍ରଦାନ କରିଛନ୍ତି ତାହାର ବିବରଣୀ ପ୍ରଦାନ କରିବେ କି ?

----

**ପରିବହନ ଟିକସ ଆୟ ପରିମାଣ**

5169 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ବିଗତ ତିନି ବର୍ଷରେ କେତେ ପରିବହନ ଟିକସ ଆଦାୟ ହୋଇଛି ପ୍ରକାଶ କରି ଜିଲ୍ଲାରେ ପରିବହନ ଟିକସ ଆଦାୟ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପାକ୍ଷିକ କନଫିଡେନ୍ସିଆଲ ରିପୋର୍ଟ ପ୍ରଦାନ

5170 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ୨୦୧୩ ମସିହା ସେପ୍ଟେମ୍ବର ମାସରେ ମୁଖ୍ୟ ଶାସନ ସଚିବଙ୍କ ଚିଠି ନମ୍ବର Cord-1-୪୬/13 10191(30)/CS/(P&C) ଅନୁଯାୟୀ ବର୍ତ୍ତମାନ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ମାନେ ପାକ୍ଷିକ କନଫିଡେନ୍ସିଆଲ ରିପୋର୍ଟ ବା FCR ରାଜ୍ୟ ସରକାରଙ୍କୁ ପ୍ରଦାନ କରୁଛନ୍ତି କି, (ଖ) ଏହି ରିପୋର୍ଟ ପ୍ରଦାନ କରିବାରେ କେଉଁଠି ବ୍ୟତିକ୍ରମ ଦେଖା ଦେଇଛି କି, ଯଦି ହଁ,ସମ୍ପୃକ୍ତ ଜିଲ୍ଲାପାଳ ମାନଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ଅଧିସ୍ୱୀକୃତି ସାମ୍ବାଦିକଙ୍କ ସଂଖ୍ୟା

5171 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବର୍ତ୍ତମାନ ମୋଟ କେତେଜଣ ଅଧିସ୍ୱୀକୃତି ସାମ୍ବାଦିକ ଅଛନ୍ତି, (ଖ) ସବଡିଭିଜନ ବା ବ୍ଲକ ସ୍ତରରେ ସାମ୍ବାଦିକ ମାନଂକୁ ଅଧିସ୍ୱୀକୃତି ପ୍ରଦାନ ପାଇଁ ସରାକର କୌଣସି ନିଷ୍ପତ୍ତି ନେଉଛନ୍ତି କି ?

----

## ଲୋକସେବା ଭବନକୁ ସାମ୍ବାଦିକ ମାନଂକୁ ପ୍ରବେଶ ପାଇଁ ଅନୁମତି

5172 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଲୋକସେବା ଭବନରେ ବର୍ତ୍ତମାନ ସାମ୍ବାଦିକ ମାନଂକୁ ସବୁବେଳେ ନଛାଡି ସମୟ ସମୟରେ ଛଡାଯାଉଛି, ସେମାନଂକୁ ନିୟମିତ ଛାଡିବା ପାଇଁ ସରକାର କୌଣସି ନିଷ୍ପତ୍ତି ନେଉଛନ୍ତି କି, (ଖ) ଯଦି ହଁ,କେବେ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ ?

----

## ବେଆଇନ ବାଲି ଉତ୍ତୋଳନ

5173 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଆଇନ ବାଲି ଉତ୍ତୋଳନ ହେବା ଦ୍ୱାରା ସୁବର୍ଣ୍ଣରେଖା ନଦୀ ଦୁଇ ପାର୍ଶ୍ୱରେ ଜଳେଶ୍ୱର/ବସ୍ତା ବ୍ଲକ ଇଲାକାର କେଉଁଠାରେ ବିପଦ ସୃଷ୍ଟି କରିବା ଆଶଙ୍କା ଅଛି ତାହା ଅନୁଧ୍ୟାନ କରାଯାଇଛି କି, ଅନୁଧ୍ୟାନ ହୋଇଥିଲେ କେଉଁ କେଉଁ ସ୍ଥାନରେ ବର୍ଷା ଋତୁ ପୂର୍ବରୁ ନଦୀକୂଳ ସୁରକ୍ଷା ସକାଶେ କଣ ପଦକ୍ଷେପ ଗ୍ରହଣ କରିବେ ?

----

## Kalinga Iron Works କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

5174 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଏକଦା ପ୍ରତିଷ୍ଠା କରାଯାଇଥିବା Kalinga Iron Works ବଡବିଲ (କେନ୍ଦୁଝର ଜିଲ୍ଲା) କେବେ ଠାରୁ ବନ୍ଦ ହୋଇଅଛି ଏହାର କାରଣ କଣ, ପୁଣି ଥରେ ଏହି କାରଖାନାକୁ କାର୍ଯ୍ୟକ୍ଷମ ଲାଗି ପଦକ୍ଷେପ ଗ୍ରହଣ କରିବେ କି ?

----

## ବିମାନ ଉଡାଣ ପାଇଁ ବ୍ୟବସ୍ଥା

5175 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ର ସରକାରଙ୍କ "ଉଡାଣ" ଯୋଜନାରେ ମୟୂରଭଞ୍ଜ ଜିଲ୍ଲାସ୍ଥ ରାସଗୋବିନ୍ଦପୁର (RASAGOBINDAPUR) ଠାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂରେଜ ସରକାର ଦ୍ୱାରା ନର୍ମାଣ ହୋଇଥିବା ବିମାନ ବନ୍ଦରକୁ କାର୍ଯ୍ୟକ୍ଷମ କରିବା ସକାଶେ ସରକାରଙ୍କର ସଦ୍ୟ ବ୍ୟବସ୍ଥା କଣ, କେତୋଟି ପର୍ଯ୍ୟାୟରେ କେଉଁ କାର୍ଯ୍ୟ ହାତକୁ ନିଆ୍ୟାଇ ସମ୍ପୂର୍ଣ୍ଣ ଭାବରେ ବନ୍ଦରଟିକୁ ବିମାନ ଉଡାଣ ଉପଯୋଗୀ କରାଯିବ ଏହାର ସବିଶେଷ ତଥ୍ୟ ଉପସ୍ଥାନ କରିବେ କି ?

----

## ଜଳ ବିନିଯୋଗ

5176 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡ଼ିଶାର 10 ପ୍ରମୁଖ ନଦୀ କଣ କଣ, ଏହି ସବୁ ନଦୀରୁ କେତେ ପରିମାଣର ଜଳ ଶିଳ୍ପ ସଂସ୍ଥା ମାନେ ନେଉଛନ୍ତି, କେତେ ପ୍ରତିଶତ ଚାଷରେ ବ୍ୟବହାର ହେଉଛି, ଏବଂ କେତେ ପ୍ରତିଶତ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଛି, ସମସ୍ତ ପ୍ରମୁଖ ନଦୀୱାରୀ ଏହାର ବିବରଣୀ ଦେବେ କି ?

----

## ଭିନ୍ନକ୍ଷମ ମାନଙ୍କ ଯାତାୟତ ସୁଗମ କରିବାକୁ ପଦକ୍ଷେପ

5177 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Bus stop sand Bus Terminal ରେ ଭିନ୍ନକ୍ଷମ, ବୃଦ୍ଧ ଓ ଶିଶୁ ମାନଙ୍କ ସୁଗମ ଯାତାୟାତ ପାଇଁ ଓଡିଶା ରେ କି ପଦକ୍ଷେପ ନିଆଯାଉଛି, କେବେ ସୁଦ୍ଧା ଏକ ସମ୍ପୁର୍ଣ୍ଣ ସୁରମ୍ୟ ବାତାବରଣ କରାଯିବ, ତଥ୍ୟ ସହିତ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## District-wise Data of Displaced People

5178 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Provide district-wise data on the number of people displaced due to the diversion of forest land for mining in the last 10 years, What is the current status of their rehabilitation?

----

**Library Room ଖୋଲିବାକୁ ପ୍ରସ୍ତାବ**

5179 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗଜପତି ଜିଲ୍ଲାର ମୋହନା ନିର୍ବାଚନ ମଣ୍ଡଳୀ ଅଧିନରେ ଚାରୋଟି ବ୍ଲକରେ ମେଧାବୀ ବୃଦ୍ଧି ଜନିତ ଗୋଟିଏ ଲେଖାଏଁ Reading - cum- Library Room ଖୋଲିବାକୁ ବଜେଟର ବ୍ୟବସ୍ଥା କରି ତ୍ୱରିତ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେବେ କି?

----

**ଟିକସ ପରିମାଣ**

5180 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣି ଉତ୍ପାଦ ଉପରେ ରାଜ୍ୟ ସରକାରଙ୍କର ଶୁଳ୍କ ପ୍ରାବଧାନ ସମ୍ପର୍କିତ ଭାରତୀୟ ସର୍ବୋଚ୍ଚ ନ୍ୟାୟଳୟଙ୍କର ରାୟ ବିଧାନର ପରବର୍ତ୍ତୀ ସମୟରେ ଓଡିଶା ସରକାର ସେ ବାବଦରେ କେତେ ଟଙ୍କା ଟିକସ ପାଇଛନ୍ତି, ଯଦି ପାଇନାହାନ୍ତି, ସେ ବାବଦରେ କାରଣ ବିଷଦ ଭାବରେ ପ୍ରଦାନ କରିବେ କି ?

----

**ନିଲାମ ହୋଇଥିବା ଖଣି ସମ୍ପର୍କରେ**

5181 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୪ - ୨୫ ମସିହାରେ କେଉଁ କେଉଁ ଖଣି ନିଲାମ ହୋଇଛି ଓ ନିଲାମ ବାବଦକୁ କେତେ ଟଙ୍କା ପାଇଛୁ, ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

**Tender ହୋଇ ନଥିବା ପ୍ରକଳ୍ପର ତାଲିକା**

5182 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଜଳସମ୍ପଦ ବିଭାଗ ପକ୍ଷରୁ ଆଗତ ହୋଇଥିବା ବଜେଟ ଅନୁଯାଇ ଓଡ଼ଶାରେ କେଉଁ Divisionକୁ କେତେ ଅର୍ଥ ଚଳିତ ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଛି, ଏହି ମର୍ମରେ ବାଲେଶ୍ୱର Division କୁ କେଉଁ ଯୋଜନାରେ କେତେ ଅର୍ଥ ଦିଆଯାଇଛି ତାହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି, (ଖ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ TAC approval project ଗୁଡିକ ବେଶର ପ୍ରକ୍ରିୟାରେ ସାମିଲ ନକରିବାର କାରଣ କଣ, କେତେଗୋଟି ପ୍ରକଳ୍ପ ଅଦ୍ୟାବଧି TAC approve ହୋଇ tender ହୋଇ ନାହିଁ ତାହାର ବିବରଣୀ ଓ କେବେ ସୁଦ୍ଧା ଉକ୍ତ ପ୍ରକଳ୍ପ ଗୁଡିକ tender ହୋଇ କାର୍ଯ୍ୟକାରୀ ହେବ ତାହାର ନିର୍ଦ୍ଧିଷ୍ଟ ତାରିଖ ପ୍ରଦାନ କରିବେ କି ?

----

## Water logging ସମସ୍ୟାର ସମାଧାନ

5183 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅନେକ ନାଳ ଅଛି ଯାହାର ପୁନଃରୁଦ୍ଧାର ହୋଇନପାରିବାରୁ water logging ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି ବୋଲି ବିଭାଗ ପାଖରେ ତଥ୍ୟ ଅଛି କି, ବିଭାଗର ଆର୍ଥିକ ବ୍ୟୟବରାଦ ଅନେକ ସ୍ୱଳ୍ପ ହୋଇଥିବାରୁ ଅନେକ କାର୍ଯ୍ୟ ଯାହାକି ଜରୁରୀ ମାତ୍ର ଉକ୍ତ କାର୍ଯ୍ୟ ଗୁଡିକ ସମ୍ପାଦନା କରାଯାଇପାରୁନାହିଁ ତେଣୁ ବିଭାଗର Balasore Division ଠୁଁ ଏକ ପ୍ରସ୍ତାବ ମାଗି water logging ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ଅର୍ଥ ଦେବେ କି, Drainage Division ୨୫ / ୨୬ action plan ବିଷୟରେ ପ୍ରକଳ୍ପ ୱାରୀ ଏକ ତଥ୍ୟ ପ୍ରଦାନ କରିବେ କି ?

----

## ବସ ଷ୍ଟାଣ୍ଡର ଉଦ୍ଘାଟନ

5184 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ବସ ଷ୍ଟାଣ୍ଡର ଶୁଭ ଉଦ୍ଘାଟନ ନ ହେବାର କାରଣ କଣ, କେବେ ସୁଦ୍ଧା ଉକ୍ତ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବ କହିବେ କି, ଉକ୍ତ ବସଷ୍ଟାଣ୍ଡ ଓ ସଂଲଗ୍ନ ଦୋକାନ ଘର ଗୁଡିକୁ କେଉଁ ନିୟମ ଆଧାରରେ କାହାକୁ ଦିଆଯାଇଛି ଏବଂ ଷ୍ଟାଣ୍ଡରେ ମୌଳିକ ସୁବିଧା ପାଇବାରୁ ବଂଚିତ ଯାତ୍ରୀଙ୍କୁ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ବିଭାଗ ତରଫରୁ କଣ ବିଶେଷ ପଦକ୍ଷେପମାନ ଗ୍ରହଣ କରିବେ କହିବେ କି ?

----

## ଆଶ୍ରୟସ୍ଥଳୀର ରକ୍ଷଣା ବେକ୍ଷଣ

5185 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟର ମୁକାବିଲା ଲାଗି ସିମୁଳିଆ ନିର୍ବାଚନ ମଣ୍ଡଳୀର ବର୍ତ୍ତମାନ ସୁଦ୍ଧା କେତୋଟି ବାତ୍ୟା ଆଶ୍ରୟ ସ୍ଥଳୀ କେଉଁ କେଉଁ ସ୍ଥାନରେ ଅଛି, ଉକ୍ତ ଆଶ୍ରୟ ସ୍ଥଳୀ ଗୁଡିକର ରକ୍ଷଣା ବେକ୍ଷଣ ପାଇଁ ବିଗତ ୫ ବର୍ଷ ମଧ୍ୟରେ କେତେ ଅର୍ଥ ବ୍ୟୟ କରିଛନ୍ତି, ଆଗାମୀ ଦିନରେ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଆଉ କେତୋଟି ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି ?

----

## ଖଣି ନିଲାମ

5186 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)଼**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି଼- ବାଲେଶ୍ୱର ଜିଲ୍ଲାରେ କେଉଁ କେଉଁ ଠାରେ କେଉଁ ଖଣି କାର୍ଯ୍ୟକ୍ଷମ ଅଛି ଓ ଲିଜ ସୂତ୍ରରେ ପ୍ରଦାନ କରାଯାଇଛି ଓ କେଉଁ ଖଣି ନିଲାମ ଆକାରରେ ପ୍ରଦାନ କରାଯାଇଛି, ୨୦୨୦ ରୁ ୨୪ December ମାସ ସୁଦ୍ଧା କେତେ ମିଲିଅନ ଖଣିଜ ସମ୍ପଦ ଉତ୍ତୋଳନ ହୋଇଛି, ତନ୍ମଧ୍ୟରୁ ଖଇରା ତହସିଲ ଅଧିନସ୍ଥ କେତୋଟି ଖଣିରୁ କେତେ ପରିମାଣର ରୟାଲିଟି ଓ ଖଣି ପ୍ରିମିୟମ ବାବଦରେ କେତେ ରାଜସ୍ୱ D.M.F. ଫଣ୍ଡକୁ ଆସିଛି, ଉକ୍ତ ଅର୍ଥରେ ସ୍ୱତନ୍ତ୍ର ଉନ୍ନୟନମୂଳ କାର୍ଯ୍ୟହୋଇଛି ତାହାର ତାଲିକା ଦେବେ କି ?

----

## ରାଜସ୍ୱ ଆୟ ପରିମାଣ

5187 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)଼**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି଼- 2019- 2020 ବର୍ଷରୁ ରାଜ୍ୟ ସରକାର କେତେ ଗୋଟି Mines କୁ Premium ରେ ନିଲାମ କରିଛନ୍ତି ଏବଂ Mines ମାଲିକ ମାନେ କେତେ ମେଟ୍ରିକ ଟନ ଖନନ ଉତ୍ତୋଳନ ପରିବହନ କରିଛନ୍ତି ଏବଂ ଏହାଦ୍ୱାରା ରାଜ୍ୟ ସରକାରଙ୍କୁ କେତେ ରାଜସ୍ୱ ମିଳିଛି ଏହାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ଖଣି ଦୁର୍ନିତୀ

5188 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)଼**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି଼- ୨୦୧୪ ମସିହା ଠାରୁ ୨୦୨୫ ମସିହା ଫେବୃଆରୀ ମାସ ସୁଦ୍ଧା ରାଜ୍ୟରେ କେତେ ପରିମାଣର ଖଣି ଦୁର୍ନିତି ହୋଇଛି, ଏହା ଦ୍ୱାରା ରାଜ୍ୟ ସରକାର କେତେ ରାଜସ୍ୱ କ୍ଷତି ହୋଇଛି, ବେଆଇନ ଖଣିଖନନ ପ୍ରସଙ୍ଗରେ ସୁପ୍ରିମ କୋର୍ଟଙ୍କ ରାୟକୁ ଅନୁପାଳନ କରାଯାଇଛି କି, କେଉଁ ଖଣି ଲିଜ ଧାରୀଙ୍କ ଉପରେ କେତେ ଅର୍ଥ ବକେୟା ପଡିରହିଛି ?

----

## ଓଏସଆରଟିସି ଡିପୋ ନିର୍ମାଣ ପାଇଁ ପଦକ୍ଷେପ

5189 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)଼**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି଼- କୋରାପୁଟ ଜିଲ୍ଲାର ଜୟପୁର ଏକ ପ୍ରାଣକେନ୍ଦ୍ର ହୋଇଥିବା ବେଳେ ଏଠାରେ ଉନ୍ନତ ମାନର ସରକାରୀ ବସଷ୍ଟାଣ୍ଡ କରାଯାଇଛି ; ଏହି ବସଷ୍ଟାଣ୍ଡରେ ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ସମସ୍ତ ସରକାରୀ ବସ ଯାତାୟତ କରୁଛି କିନ୍ତୁ ସରକାରୀ ବସ ଗୁଡିକର ମରାମତି କରିବା ନିମନ୍ତେ ବ୍ରହ୍ମପୁର କିମ୍ବା କଟକ ଉପରେ ନିର୍ଭର କରିବାକୁ ପଡୁଛି ଏବଂ ଜୟପୁର ସହର ପେଣ୍ଠସ୍ଥଳି ପାଲଟିଥିବା ବେଳେ ସରକାର ଏହାକୁ ଦୃଷ୍ଟିରେ ରଖି ଜୟପୁର ଠାରେ ଏକ ଓଏସଆରଟିସି ଡିପୋ ନିର୍ମାଣ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେବେ କି?

----

## ସରକାରୀ ବସ୍ ଚଳାଚଳ

5190 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେତୋଟି ରୁଟରେ କେତେ ସଂଖ୍ୟକ ସରକାରୀ ବସ ଚଳାଚଳ କରୁଛି ; ବର୍ତ୍ତମାନ ସରକାରୀ ବସ ଚଳାଚଳ ଦ୍ୱାରା ନିଗମର ଗତ 2 ବର୍ଷ ମଧ୍ୟରେ ଆର୍ଥିକ ସ୍ଥିତି କଣ ରହିଛି ତାହାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି?

----

## ରାୟଗଡାରେ ଥିବା ବାଲି / ପଥର ଖାଦାନ

5191 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ନିର୍ବାଚନ ମଣ୍ଡଳୀରେ କେତୋଟି ବାଲି / ପଥର ଖାଦାନ ପଞ୍ଜିକୃତ ଏବଂ ଅଣ ପଞ୍ଜିକୃତ ଭାବରେ ରହିଛି ଓ ପ୍ରତ୍ୟେକଟି ଖାଦାନ ପାଇଁ କେତେ CMର ଟେଣ୍ଡର ଖଣି ଉତ୍ତୋଳନ ପାଇଁ ହୋଇଛି ଏବଂ କେତେ ସିଏମ ଉତ୍ତୋଳନ ପାଇଁ ପରିବେଶ ମଞ୍ଜୁରୀ ଲିଜଧାରୀଙ୍କୁ ମିଳିଛି, ସେ ଅନୁପାତରେ ହୋଇଛି କି, ଉତ୍ତୋଳନ ପରେ ସେହି ସ୍ଥାନରେ ସରକାରଙ୍କ ନୀୟମ ପ୍ରକାରେ କଣ ବ୍ୟବସ୍ଥା ରହିଛି, ତାହା ପାଳନ କରାଯାଇଛି କି, କେଉଁ କେଉଁ ଖାଦାନରେ ପାଳନ କରାଯାଇ ନାହିଁ ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ସରକାରୀ ଅନୁଦାନ ପାଇଥିବା NGO ସଂଖ୍ୟା

5192 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି NGO କେଉଁ କେଉଁ ବାବଦରେ କେତେ ସରକାରୀ ଅନୁଦାନ/ସାହାଯ୍ୟ ପାଇଛନ୍ତି ତାଲିକା ୫ ବର୍ଷରେ କେତେ ଲେଖାଏଁ କେଉଁ ବାବଦରେ ଖର୍ଚ୍ଚ କରିଛନ୍ତି NGO Wise ବିଭାଗୱାରି ପ୍ରଦାନ କରିବେ କି ; କେଉଁ ଆଧାରରେ NGO ମାନଙ୍କୁ କଳା ତାଲିକାଭୁକ୍ତ କରାଯାଇଥାଏ ଏବଂ ଗତ ୫ ବର୍ଷରେ କେତୋଟି NGO କୁ କଳା ତାଲିକାଭୁକ୍ତ କରାଯାଇଅଛି ଜଣାଇବେ କି ଏବଂ ରାୟଗଡ଼ା ଜିଲ୍ଲାରେ କେଉଁ NGO କେତେ ଅର୍ଥ ଅନୁଦାନ ପାଇଁ କେଉଁ ବାବଦରେ କେତେ ଖର୍ଚ୍ଚ କରି ଲୋକମାନଙ୍କ ସାହାଯ୍ୟ କରିଛନ୍ତି ତାହାର ତାଲିକା ହିତାଧିକାରୀୱାରି ପ୍ରଦାନ କରିବେ କି ?

----

## ଅନୁସୂଚିତ ଜନଜାତି ଚାଷୀମାନଙ୍କୁ ଫେରସ୍ତ କରାଯାଇଥିବା ଜମିର ତାଲିକା

5193 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Regulation-2 ଅନୁଯାୟୀ କେତେ ପରିମାଣର ଜମି ଓଡ଼ିଶାର ଅନୁସୂଚିତ ଜନଜାତି ଚାଷୀମାନଙ୍କୁ ଫେରସ୍ତ କରାଯାଇଛି ତାହାର ଏକ ତାଲିକା ଜିଲ୍ଲାୱାରି, ସବଡିଭିଜନୱାରି ଉପସ୍ଥାପିତ କରିବେ କି, ଓ ରାୟଗଡ଼ା ନିର୍ବାଚନ ମଣ୍ଡଳୀ କେତେ ଫେରସ୍ତ କରାଯାଇଛି ତାହାର ଏକ ତାଲିକା ଜିଲ୍ଲାୱାରି ଉପସ୍ଥାପିତ କରିବେ କି ?

----

## ତହସିଲ କାର୍ଯ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ

5194 **ଶ୍ରୀ ମାଧବ ଧଡା (ସୋରୋ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୋର ଓ ବାହାନଗା ତହସିଲ କାର୍ଯ୍ୟାଳୟର ନିଜସ୍ୱ ଗୃହ ନଥିବା ବିଷୟରେ ବିଭାଗ ଅବଗତ ଅଛି କି. ଯଦି ହଁ, କେବେ ସୁଦ୍ଧା ନିଜସ୍ୱ ଗୃହ ନିର୍ମାଣ କରାଯିବ ସେ ବିଷୟରେ ଜଣେଇବେ କି ?

----

## କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ

5195 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ସୋର କେନାଲ ଡିଭିଜନ ଅନ୍ତର୍ଗତ କେନାଲ ନିର୍ମାଣ କାର୍ଯ୍ୟର ମାନ ନିମ୍ନ ମାନର ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବର କାରଣ କଣ ଓ କାର୍ଯ୍ୟ ସମୟରେ safety ନିୟମ କଡ଼ାକଡ଼ି ପାଳନ ହେଉନଥିବାରୁ ୪ କଣଙ୍କ ଜୀବନ ହାନିର ଖବର ବିଭାଗ ପାଖରେ ଅଛି କି ଯଦି ହଁ ତେବେ କାର୍ଯ୍ୟ କରୁଥିବା ସଂସ୍ଥା ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି, (ଖ) ଉକ୍ତ କେନାଲର କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବା ଏବଂ କେତେ ପ୍ରତିଶତ ଜଳସେଚନ ସୋର ନିର୍ବାଚନ ମଣ୍ଡଳୀରେ ହୋଇପାରିବ ତାହାର ତଥ୍ୟ ପ୍ରଦାନ କରିବେ କି ?

----

## ଡାକବଙ୍ଗଳା ନିର୍ମାଣ

5196 **ଶ୍ରୀ ମାଧବ ଧଡା (ସୋରୋ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୋର ନିର୍ବାଚନ ମଣ୍ଡଳୀ ଏକ ବନ୍ୟା ପ୍ରବଣ ଅଞ୍ଚଳ, ଏତଦ ବ୍ୟତୀତ ସୋର ନିର୍ବାଚନମଣ୍ଡଳୀରେ ବିଭିନ୍ନ ବିଭାଗର ଡିଭିଜନ କାର୍ଯ୍ୟାଳୟ ଅବସ୍ଥିତ ରାଜ୍ୟର ବିଭିନ୍ନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଗସ୍ତ ସମୟର ବିଭାଗର ସମୀକ୍ଷା ଓ ଅଧିକାରୀଙ୍କ ରହଣି ପାଇଁ ଆବଶ୍ୟକତାକୁ ଭିତ୍ତି କରି ସୋର ବ୍ଲକର ମୁଖ୍ୟାଳୟ ଓ ବାହାନାଗା ବ୍ଲକର ଉପରଆଡିଆ ଠାରେ ଡାକବଙ୍ଗଳା ନିର୍ମାଣ ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବେ କି ?

----

## NCDS ର ଜମି ଅଦିଗ୍ରହଣ ପାଇଁ Study Report

5197 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Naba Krushna Choudhuri Centre for Development Studies ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧଗ୍ରହଣ ନିମନ୍ତେ Social Impact Assessment Study କରିବା ସମୟରେ ORFCTLARR Rules 2016 ଅନୁଯାୟୀ Forms D,E,Fଏବଂ Gର ଆବଶ୍ୟକତା ଅନୁଯାୟୀ Study Report ଦେଇଛନ୍ତି କି, ବିଗତ ଦୁଇ ବର୍ଷରେ NCDS କେତେ ଗୋଟି Study Report କେଉଁ କେଉଁ ପ୍ରକଳ୍ପ ବାବଦରେ ଜମି ଅଧିଗ୍ରହଣ ପାଇଁ ଦେଇଛନ୍ତି ?

----

## ସଡକ ସୁରକ୍ଷା ନିମନ୍ତେ ହୋଇଥିବା ଖର୍ଚ୍ଚ

5198 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ୩ ବର୍ଷ ମଧ୍ୟରେ ସଡକ ସୁରକ୍ଷା ନିମନ୍ତେ ସରକାର କେତେ ଟଙ୍କା କେଉଁ କେଉଁ ବାବଦରେ ଖର୍ଚ୍ଚ କରିଛନ୍ତି ଏବଂ ଏହି ଟଙ୍କା ଖର୍ଚ୍ଚ କରି କ'ଣ ଓ କିଭଳି ଜନସାଧାରଣ ବାସ୍ତବରେ ଉପକୃତ ହୋଇଛନ୍ତି ତାହାର ବର୍ଷ ୱାରୀ ତଥ୍ୟ ପ୍ରଦାନ କରିବେ କି, ବିଗତ ତିନି ବର୍ଷରେ ରାଜ୍ୟରେ କେତେ ଗୋଟି ସଡକ ଦୁର୍ଘଟଣା ଘଟିଛି ଓ ସେଥିରେ କେତେ ଜଣ ଆହତ ହୋଇଛନ୍ତି ଓ କେତେ ଜଣ ମୃତ୍ୟୁ ବରଣ କରିଛନ୍ତି ତାହାର ବର୍ଷ ୱାରୀ ତଥ୍ୟ ପ୍ରଦାନ କରିବେ କି, ସଡକ ସୁରକ୍ଷା ନିମନ୍ତେState Transport Authority କେଉଁ କେଉଁ PMU/Consultantମାନଙ୍କୁ ନିୟୋଜିତ କରିଛନ୍ତି ଓ ଏହି ବାବାଦରେ କେତେ ଟଙ୍କା ଗତ ତିନି ବର୍ଷରେ ବ୍ୟୟ କରିଛନ୍ତି ତା'ର ବର୍ଷ ୱାରୀ ତଥ୍ୟ ଦେବେ କି ?

----

## Food Management

5199 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) What steps have been taken by the government to enhance disaster preparedness and response mechanisms in Balangir district in the last three years, (b) How many families have received financial assistance under disaster relief schemes during this period, and what is the total expenditure incurred, Are there any ongoing or proposed initiatives for strengthening early warning systems, cyclone shelters, or flood management infrastructure in Balangir district ?

----

## MOU for Green Economic Growth

5200 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Has the Odisha government recently signed any MoU under the Planning & Convergence Department to promote green economic growth, If so, the details on the objectives, partners involved, and

expected outcomes of the 'Green Odisha Initiative, What steps have been taken to implement and monitor the District Sustainable Development Goals (SDG) Indicator Framework in Balangir district, what measures have been taken to ensure continuity and effective execution of ongoing development projects in Balangir district ?

----

## ଆନନ୍ଦପୁରରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀର ସଂଖ୍ୟା

5201 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ କେତେଗୋଟି ବାତ୍ୟା ଆଶ୍ରୟସ୍ଥଳୀ ଅଛି ; ସେଗୁଡିକର ବର୍ତ୍ତମାନ ସ୍ଥିତି କଣ, ଯେଉଁ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତାହାର ମରାମତି ପାଇଁ ସରକାର ପଦକ୍ଷେପ ନେବେ କି ; ବାତ୍ୟା ବେଳେ ଆଶ୍ରୟସ୍ଥଳୀ ମାନଙ୍କରେ ଆଶ୍ରୟ ନେଉଥିବା ଲୋକମାନଙ୍କ ପାଇଁ ପିଇବା ପାଣିର ସୁବିଧା କେତେଗୋଟି ବାତ୍ୟା ସ୍ଥଳୀରେ ଅଛି ଏବଂ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ଖୋଲିବା ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ଅଛି କି?

----

## ବାଲି ସୈରାତର ନିଲାମ ପ୍ରକ୍ରିୟା ସମ୍ପର୍କରେ

5202 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ନଦୀ ପଠାରେ ଥିବା ବାଲି ସୈରାତକୁ ନିଲାମ ଦିଆଯାଉଥିବା ବେଳେ ସେହି ନିଲାମ ପ୍ରକ୍ରିୟା ବିଷୟରେ ଯଥା କେଉଁ ସୈରାତ କେତେ ମୂଲ୍ୟରେ କେଉଁ ବ୍ୟକ୍ତି ବା ସଂସ୍ଥାକୁ ପ୍ରଦାନ କରାଯାଇଛି?

----

## ଭୂକମ୍ପନର ତୀବ୍ରତାର ତାଲିକା

5203 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେଉଁଠାରେ କେତୋଟି Sesmometer(ଭୂକମ୍ପନ ମାପିବା) ଯନ୍ତ୍ର ସ୍ଥାପନ କରାଯାଇଅଛି ; ବିଶେଷକରି କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଭୂକମ୍ପନ ତିବ୍ରତା ଯାହା 1 ରିକଟର scale ରୁ ଅଧିକ ପଞ୍ଜିକୃତ ହୋଇଛି ତାହାର ବିଗତ 3 ବର୍ଷର ଏକ ତାଲିକା ପ୍ରଦାନ କରିବେ କି ; (ଖ) ଚିତ୍ରକୋଣ୍ଡା ସହାରାଞ୍ଚଳ ନିକଟବର୍ତ୍ତୀ ଅଞ୍ଚଳର ବେଆଇନ ଭାବରେ ପଥର କୁଆଁରୀ ବା ଅନ୍ୟ ଖଣିଜ ସମ୍ପଦ ଲୁଟ ଓ ଚୋରା ଚାଲାଣ ଅଭିଯୋଗରେ କେତୋଟି case record ହୋଇଛି ଓ ତାହାର କାର୍ଯ୍ୟାନୁଷ୍ଠାନର ଅଗ୍ରଗତି ଲିଖିତଭାବେ ପ୍ରକାଶ କରିବେ କି?

----

## Permit ଗୁଡିକର ବିବରଣୀ

5204 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଓ ମାଲକାନଗିରି ଜିଲ୍ଲା ଦେଇ ଯାତାୟତ କରିବା ପାଇଁ କେଉଁ ସଂସ୍ଥା/ ବ୍ୟକ୍ତି ବିଶେଷ ମାନଙ୍କୁ ଦିଆଯାଇଥିବା Stage-Carriage/ Tourist/ Special Permit ମାନ ପ୍ରଦାନ କରାଯାଇଅଛି ଓ 31.01.2025 ଯାଏଁ ବଳବତ୍ତର ଥିବା permit ଗୁଡିକର ସବିଶେଷ ବିବରଣୀ ପ୍ରଦାନ କରିବେ କି, ବସ୍ ରେ ଯାତ୍ରା କରୁଥିବା ବ୍ୟକ୍ତି/ଯାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଅଧିକାର ଗୁଡିକର ବିବରଣୀ ସହ ଗାଡି ମାଲିକଙ୍କ Liability ର ବିବରଣୀ ପ୍ରଦାନ କରିବେ କି ?

----

## ଆଡିବନ୍ଧ ନିର୍ମାଣ

5205 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଉଦଳା ବ୍ଲକ୍ ଅନ୍ତର୍ଗତ ଦୁଗଧା ଗ୍ରା.ପ. ୱାର୍ଡ ନଂ-7 "ତଳସାହି" ପାର୍ଶ୍ୱରେ ଦେଓ ନଦୀ ଅବସ୍ଥିତ ଅଛି, ଏଠାରେ ବିଭିନ୍ନ କାରଣରୁ ନଦୀବନ୍ଧ ଦୁର୍ବଳ ହୋଇଅଛି ଏହା ଦେବକୁଣ୍ଡ, କୁଣ୍ଡାବାଇ, ପାଟଶାଣିପୁରର ମୁଖ୍ୟ ରାସ୍ତା ଅଟେ, ଏଠାରେ କଂକ୍ରିଟ ଆଡିବନ୍ଧ ନିର୍ମାଣ କରିବେ କି ?

----

## ବିନ୍ଧାଣି ଜାତି ସମ୍ପର୍କରେ

5206 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ "ବିନ୍ଧାଣି" ଏକ ଜାତିକୁ ସୃଷ୍ଟି କରାଯାଇ 2022 ମସିହାରେ ଏସ୍.ସି.ବି.ସି (S.C.B.C) ତାଲିକାରେ ରଖାଗଲା, ଏହା ଭାରତ ସରକାରଠୁ ଅନୁମୋଦନ ପାଇଛି କି, ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା "ବିନ୍ଧାଣି" ସମ୍ପ୍ରଦାୟ ଲୋକଙ୍କ ବୃତ୍ତି କଣ ଓ ଜନସଂଖ୍ୟା କେତେ, ସେମାନଙ୍କର ମାତୃଭାଷା କଣ, ମୟୂରଭଞ୍ଜ ଗେଜେଟିୟରସରେ "ବିନ୍ଧାଣି" ଏକ ଜାତି ଓ ବିନ୍ଧାଣି ଭାଷା, ଏକ ଭାଷା ରହିଛା ଉଲ୍ଲେଖ ଅଛି କି, ସରକାର ପାଖରେ ପଛୁଆବର୍ଗ କମିଶନ "ବିନ୍ଧାଣି" ଜାତି ସମ୍ବନ୍ଧୀୟ ସର୍ଭେ ରିପୋର୍ଟରେ ତଥ୍ୟ ପ୍ରଦାନ କରିବେ କି ?

----

## ସ୍ଥାୟୀ ପଟ୍ଟା ପ୍ରଦାନ

5207 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେ କେତେ ଭୁଦାନ ଜମି ରହିଛି ତାହାର ଏକ ତାଲିକା (ଜିଲ୍ଲାୱାରୀ) ପ୍ରଦାନ କରିବେ କି, ସହରାଞ୍ଚଳ ଗୁଡିକରେ କେତୋଟି ଜମି ସରକାର ବଣ୍ଟନ କରି ସ୍ଥାୟୀ ପଟ୍ଟା ପାଇନଥିବା ମାମଲା ଗୁଡିକ ଶ୍ରୀଘ୍ର ପଟ୍ଟା ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

## ଅତ୍ୟାଧୁନିକ Monitoring System ବ୍ୟବସ୍ଥା

5208 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟର ପରିବହନ ପାଇଁ E - Transit Pass ର ଆବଶ୍ୟକତା ରହିଥିବା ସ୍ଥଳେ ଅନେକ ଅଞ୍ଚଳରେ ବିନା E - Transit Pass ରେ ଲଘୁ ଖଣିଜ ଦ୍ରବ୍ୟ ଯଥା ବାଲି, ଗୋଡି ଓ ପଥର ଖନନ ହୋଇ ପରିବହନ ହେଉଥିବା ଏବଂ ସରକାରଙ୍କ ଅନେକ ରାଜସ୍ୱ ହାନି ହେଉଥିବା କଥା ସତ୍ୟ କି, ଯଦି ହଁ, ଏହି ଗୁଡ଼ିକୁ ରୋକିବା ପାଇଁ ଏକ ଅତ୍ୟାଧୁନିକ monitoring system ର ବ୍ୟବସ୍ଥା କରିବେ କି ?

----

## ଭୂତଳ ଜଳ ସଂରକ୍ଷଣ

5209 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭୂତଳ ଜଳ ସ୍ତର ଦିନକୁ ଦିନ କମୁଥିବାରୁ ଆଗକୁ ଜଳ ସଂକଟ ଦେଖାଦେବାର ବହୁ ସମ୍ଭାବନା ଥିବାରୁ ବର୍ଷା ଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବେ କି ?

----

## ନୂତନ ଯୋଜନା ସମ୍ପର୍କରେ

5210 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର କେଉଁ କେଉଁ ନୂତନ ଯୋଜନା କରିବାକୁ ଯାଉଛନ୍ତି ଯାହାଦ୍ୱାରା ଓଡ଼ିଶାର ଗରୀବ ଶ୍ରେଣୀର ଲୋକମାନେ କାମ ପାଇବେ, ରୋଜଗାର ପାଇବେ, ଦାଦନ ଯିବାକୁ ଆଗ୍ରହୀ ହେବେ ନାହିଁ କି ମାଗଣା ଚାଉଳକୁ ଗ୍ରହଣ କରିବେ ନାହିଁ ?

----

## ରାଜସ୍ୱ ଆୟ ପରିମାଣ

5211 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ସରକାରୀ ଓ ଘରୋଇ ସଂସ୍ଥାର କେତେ ଆସନ ବିଶିଷ୍ଟ କେତୋଟି ବିମାନ ବା Helicafter ରହିଛି, ସେଗୁଡିକରୁ ରାଜ୍ୟ ସରକାର ଗତ ଆର୍ଥିକ ବର୍ଷ ଓ ଚଳିତ ଆର୍ଥିକ ବର୍ଷରେ ଏଯାଏଁ କେତେ ଟିକସ ବା ରାଜସ୍ୱ କେଉଁ ବାବଦରେ ପାଇଛନ୍ତି ?

----

## ଜଳ ଯାନ ସଂଖ୍ୟା

5212 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସରକାରୀ ଓ ଘରୋଇ ସଂସ୍ଥା ବ୍ୟକ୍ତି ବିଶେଷଙ୍କର ଜାହାଜ, Steemer, Cruz ଯନ୍ତ୍ରଚାଳିତ ବୋଟ, ଡଙ୍ଗା ଓ ଜଳଯାନ ରହିଛି କି, ଏବଂ ଉତ୍ତର ହଁ ହୋଇଥିଲେ, ସେ ସବୁର ସଂଖ୍ୟା କେତେ ?

----

## କ୍ଲଷ୍ଟର ନିର୍ମାଣ

5213 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର କେଉଁ କେଉଁ ଜିଲ୍ଲାରେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (SCA)ଅର୍ନ୍ତଗତ ଆବାସିକ କ୍ଲଷ୍ଟର ନିର୍ମାଣ କରାଯାଇଅଛି, (ଖ) ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଂଚଳରେ ଆବାସିକ କ୍ଲଷ୍ଟର ନିର୍ମାଣ ହୋଇଛି କି, ଯଦି ହଁ ତେବେ, କେଉଁ କେଉଁ ଗ୍ରାମରେ ଆବାସିକ କ୍ଲଷ୍ଟର ନିର୍ମାଣ କରାଯାଇଛି ବା ଯାଉଛି ତାହାର ସଂପୂର୍ଣ ବିବରଣୀ ପ୍ରଦାନ କରିବେ କି ?

----

## ଖଣି ଉତ୍ତୋଳନ

5214 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କ) ବଲାଙ୍ଗିର ଜିଲ୍ଲା ଏବଂ ବିଶେଷକରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସ୍ଥାନରେ ସ୍ଫଟିକ ଚୂନପଥର (କ୍ରୀଷ୍ଟାଲାଇନ ଲାଇମ୍ ଷ୍ଟୋନ ), ବକ୍ସାଇଟ, ଗ୍ରାଫାଇଟ୍, ଗାଲେନା, ଆୟୋଲାଇଟ୍ ଇତ୍ୟାଦି ଖଣିଜ ସମ୍ପଦର ସର୍ବେକ୍ଷଣ କରାଯାଇଅଛି ଏବଂ ଉକ୍ତ ଖଣିଜ ପଦାର୍ଥ ଗୁଡିକୁ ସରକାରୀ ସଂସ୍ଥା ଦ୍ୱାରା ଉତ୍ତୋଳନ କରାଯାଉଅଛି କିମ୍ୱା ବେସରକାରୀ ସଂସ୍ଥା ଗୁଡିକୁ ଉତ୍ତୋଳନ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଅଛି ଏବଂ ସେମାନେ ବର୍ତମାନ ସୁଦ୍ଧା କେଉଁ ସ୍ଥାନ (ଖଣି)ରୁ କେତେ ପରିମାଣର ସ୍ଫଟିକ ଚୂନପଥର, ବକ୍ସାଇଟ, ଗ୍ରାଫାଇଟ୍, ଗାଲେନା, ଆୟୋଲାଇଟ୍ ଉତ୍ତୋଳନ କରି କେଉଁ ସ୍ଥାନକୁ ରପ୍ତାନି କରିଛନ୍ତି ବା ଘରୋଇ ଚାହିଦା ପୂରଣ କରୁଛନ୍ତି, ତାହାର ଖଣି ତଥା ସଂସ୍ଥାର ନାମ ଓ ଠିକଣା ଓ୍ୱାରୀ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରିବେ କି ?

----

## ପଦବୀ ପୂରଣ ପାଇଁ ପଦକ୍ଷେପ

5215 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ରାଜ୍ୟରେ ଖାଲିଥିବା ସମସ୍ତ RI, ଅମିନ Post ଗୁଡିକର ଶ୍ରୀଘ୍ର ପୂରଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଜବର ଦଖଲ ଉଚ୍ଛେଦ

5216 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅନୁଗୁଳ, ଢେଙ୍କାନାଳ ଓ କଟକ ଜିଲ୍ଲାର କେଉଁ ଅଞ୍ଚଳରେ କେତେ ରିଜର୍ଭ ଫରେଷ୍ଟ ଜଙ୍ଗଲ ରହିଅଛି ଏବଂ ତନ୍ମଧ୍ୟରୁ କେଉଁମାନେ କେଉଁ ଅଞ୍ଚଳରେ ଏହା ଉପରେ ବଳ ପୂର୍ବକ କୋଠାବାଡି ନିର୍ମାଣ କରିଛନ୍ତି ଓ ନିଜ ଅକ୍ତିଆରରେ ରଖିଛନ୍ତି ତାହାର ଜିଲ୍ଲାୱାରୀ ଏକ ତାଲିକା ଦେବାସହ ଏ ସଂକ୍ରାନ୍ତରେ କେଉଁ ଫରେଷ୍ଟ ଅଧିକାରୀ କେବେ ଅଭିଯୋଗ କରିଥିଲେ, (ଖ) ଏହି ଜବର ଦଖଲ ଉଚ୍ଛେଦ ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି, ଏବଂ ସେମାନଙ୍କ ଠାରୁ କେବେ ଉକ୍ତ ଜମିକୁ ଫରେଷ୍ଟ ବିଭାଗକୁ ହସ୍ତାନ୍ତର ହେବ ?

----

## ଚୋରି ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ବନ୍ଦ

5217 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଗୁନିଆ ଓ ବୋଲଗଡ ବ୍ଲକ ଅଧିନସ୍ଥ ଥିବା ମାଙ୍କଡା ପଥରଖଣି, ମୋରମ ଖଣି ଓ କଳାମୁଗୁନି ପଥର ଖଣିରୁ ଗତ ତିନିବର୍ଷ ମଧ୍ୟରେ କେତେ ପରିମାଣର ଚୋରା ମାଙ୍କଡା ପଥର, ମୋରମ ଏବଂ କଳାମୁଗୁନି ପଥର ଉଠାଯାଇଥିବାର ସରକାରଙ୍କ ନଜରକୁ ଆସିଛି କି, ଯଦି ଉତ୍ତର ହଁ ହୁଏ, ତେବେ ଚୋରି କରି ଉଠାଇବା ମାଙ୍କଡା ପଥର, ମୋରମ ଓ କଳାମୁଗୁନି ପଥରର ସରକାରି ମୂଲ୍ୟ କେତେ ହେବ, ସ୍ଥାନୀୟ ତହସିଲଦାର ଓ ବେଗୁନିଆ ଓ ବୋଲଗଡ ଥାନା ଅଧିକାରୀ କେତେଗୋଟି କେସ ରୁଜୁ କରିଛନ୍ତି ଓ କେତେ ଗୋଟି ଗାଡି ଓ ଅନ୍ୟ ତଥା ଜେସିପି ଅନ୍ୟଉପକରଣ ଅଦ୍ୟାବଧି ଜବତ ରଖାଯାଇଛି, କେତେ ପରିମାଣର ଅର୍ଥ Fine ଆକାରରେ ଆଦାୟ କରିଛନ୍ତି, ସରକାର ଚୋରି ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ବନ୍ଦ କରିବା ପାଇଁ କଣ ପଦକ୍ଷେପ ନେଇଛନ୍ତି ଏବଂ କେତେଗୋଟି ଖଣିକୁ ଲିଜ ଆକାରରେ କାହାକୁ କେତେ ବର୍ଷ ପାଇଁ ଦିଆଯାଇଛି ?

----